

ଟିପ୍ପଣୀ

# ଏକକ୯: ସମନ୍ୱିତ ଶିକ୍ଷଣ ଏବଂ ଶିକ୍ଷାଦାନ ପ୍ରକ୍ରିୟା

## ସଂରଚନା

୯.୦ ପ୍ରସ୍ତାବନା

୯.୧ ଶିକ୍ଷଣ ଉଦ୍ଦେଶ୍ୟ

୯.୨ ସମନ୍ୱିତ ଶିକ୍ଷଣର ଧାରଣା

୯.୩ ସମନ୍ୱିତିକରଣ ପ୍ରକ୍ରିୟା ଏବଂ ପ୍ରକାର ଭେଦ

୯.୩.୧ ବିଷୟ ଭିତରେ

୯.୩.୨ ବିଷୟ ବିଷୟ ମଧ୍ୟରେ

୯.୩.୩ ବିଷୟ ବାହାରେ

୯.୪ ସମନ୍ୱିତ ଶିକ୍ଷଣର ଦକ୍ଷତା/ ଅନୁଭୂତି ପାଇଁ ଯୋଜନା ପ୍ରସ୍ତୁତ କରିବା

୯.୫ ସମନ୍ୱିତ ପାଠ୍ୟ ପୁସ୍ତକ ଏବଂ ସାମଗ୍ରୀ/ ଉପକରଣ

୯.୬ ସାରାଂଶ

୯.୭ ପ୍ରଗତି ପରୀକ୍ଷା କରିବା ନିମନ୍ତେ ଆଦର୍ଶ ଉତ୍ତର

୯.୮ କିଛି ଉପଯୋଗୀ ପୁସ୍ତକ ଏବଂ ସନ୍ଦର୍ଭ ଗ୍ରନ୍ଥ

୯.୯ ପ୍ରଶ୍ନ ଓ ଅଭ୍ୟାସକାର୍ଯ୍ୟ

ଟିପ୍ପଣୀ

## ୯.୦ ପ୍ରସ୍ତାବନା

ଆମେ ସମସ୍ତେ ଶ୍ରେଣୀଗୃହ ଶିକ୍ଷାଦାନର ଶିକ୍ଷଣକାର୍ଯ୍ୟ ଏବଂ ସମୟ ସାରଣୀ ସହିତ ପରିଚିତ । ବିଦ୍ୟାଳୟର ଏକ କାର୍ଯ୍ୟ ଦିବସର ପୂରା କାର୍ଯ୍ୟ ସମୟକୁ ପାଖାପାଖି ସମାନ ଅବଧି (ପ୍ରାୟ ପ୍ରତ୍ୟେକ ପିରିୟଡ/ ଅବଧି ୪୦- ୫୦ ମିନିଟ)ର ବିଭକ୍ତ କରି ୬ରୁ ୭ଟି ପିରିୟଡରେ ବଂଟା ଯାଇଥାଏ । ପ୍ରତ୍ୟେକ ପିରିୟଡରେ ଗୋଟିଏ ଗୋଟିଏ ବିଷୟର ପାଠ ପଢ଼ା ଯାଇଥାଏ କିମ୍ବା ଆଲୋଚନା କରାଯାଇଥାଏ । ଉଦାହରଣ ସ୍ୱରୂପ, ପ୍ରଥମ ପିରିୟଡରେ ଭାଷା, ଦ୍ୱିତୀୟ ପିରିୟଡରେ ଗଣିତ, ପର ପିରିୟଡଗୁଡ଼ିକରେ ଯଥାକ୍ରମେ ବିଜ୍ଞାନ, ସାମାଜିକ ଶିକ୍ଷା ଇତ୍ୟାଦି ପଢ଼ା ଯାଇଥାଏ । ଶିକ୍ଷକମାନଙ୍କଦ୍ୱାରା ସମୟ ସାରଣୀ (ରୁଟିନ୍) ପ୍ରସ୍ତୁତ କରିବା ସମୟରେ ଗୋଟିଏ ଦିନର ପ୍ରତ୍ୟେକ ପିରିୟଡ ପଢ଼ାଇବା ପାଇଁ ବିଷୟବସ୍ତୁ ସ୍ଥିର କରାଯାଇଥାଏ । ଥରେ ଶିକ୍ଷକମାନଙ୍କଦ୍ୱାରା ଗୋଟିଏ ଶ୍ରେଣୀ ପାଇଁ ରୁଟିନ୍ ତିଆରି ହୋଇଗଲା ପରେ ତାହା ଦୀର୍ଘ ସମୟ ପର୍ଯ୍ୟନ୍ତ, ନିହାତି କମ୍‌ରେ ଛଅମାସ ପର୍ଯ୍ୟନ୍ତ ବିନା କୌଣସି ପରିବର୍ତନରେ ଚାଲୁ ରହିଥାଏ ଏବଂ ସେପରି କୌଣସି ବିଶେଷ ପରିସ୍ଥିତି ନ ଆସିବା ପର୍ଯ୍ୟନ୍ତ ରୁଟିନ ଅନୁସାରେ ଶିକ୍ଷାଦାନ ନିର୍ଦ୍ଧାରିତ ସମୟ ଅନୁସାରେ କରାଯାଇଥାଏ ।

ସାଧାରଣତଃ ଏକ ନିର୍ଦ୍ଦିଷ୍ଟ ଶ୍ରେଣୀର ଗୋଟିଏ ବିଷୟ ପଢ଼ାଇବା ପାଇଁ ଜଣେ ନିର୍ଦ୍ଦିଷ୍ଟ ଶିକ୍ଷକଙ୍କୁ ଦାୟୀତ୍ୱ ପ୍ରଦାନ କରାଯାଇଥାଏ ।  ଏହାର ଅର୍ଥ, ଗୋଟିଏ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ପ୍ରତ୍ୟେକ ପିରିୟଡରେ ବିଭିନ୍ନ ଶିକ୍ଷକଙ୍କଦ୍ୱାରା ଭିନ୍ନ ଭିନ୍ନ ବିଷୟ ପଢ଼ା ଯାଇଥାଏ । ଏଥିରେ ବ୍ୟତିକ୍ରମ ମଧ୍ୟ ରହିଛି । ଯେତେବେଳେ ବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ଶିକ୍ଷକଙ୍କଠାରୁ କମ୍ ସଂଖ୍ୟକ ଶିକ୍ଷକ ଥାଆନ୍ତି, ଜଣେ ଶିକ୍ଷକଙ୍କୁ ଗୋଟିଏ ଗୋଟିଏ ଶ୍ରେଣୀରେ ଗୋଟିଏରୁ ବି ଅଧିକ ପିରିୟଡ ନେବାକୁ ହୋଇଥାଏ । ଆପଣମାନେ ଜାଣନ୍ତି ଯେ ଆମ ଦେଶରେ ଅଧିକାଂଶ ପ୍ରାଥମିକ ବିଦ୍ୟାଳୟରେ ଜଣେ ମାତ୍ର ଶିକ୍ଷକଙ୍କୁ ଗୋଟିଏ ଶିକ୍ଷାବର୍ଷ ପାଇଁ ଗୋଟିଏ ଶ୍ରେଣୀରେ ଶିକ୍ଷାଦାନ କରିବାର ଦାୟିତ୍ୱ ପ୍ରଦାନ କରାଯାଇଥାଏ । ସାରା ଦିନ ତାଙ୍କୁ ସେହି ଶ୍ରେଣୀରେ ଉକ୍ତ ଶ୍ରେଣୀ ନିମନ୍ତେ ଉଦ୍ଦିଷ୍ଟ ପାଠ୍ୟ ଖସଡ଼ାରେ ଥିବା ସମସ୍ତ ବିଷୟ ଗୁଡ଼ିକ ରୁଟିନ ବା ସମୟ ସାରଣୀରେ କୌଣସି ପ୍ରକାରର ପରିବର୍ତ୍ତନ ନ କରି ଗୋଟିକ ପରେ ଗୋଟିଏ ବିଷୟ ପଢ଼ାଇବା ସହିତ ଶିକ୍ଷାର୍ଥୀମାନଙ୍କ  ଦେଖାରଖା କରିବାକୁ ପଡ଼ିଥାଏ । ଏଠାରେ ପ୍ରଦାନ କରାଯାଉଥିବା ଏକ ପରିସ୍ଥିତି ଉପରେ ଦୃଷ୍ଟିପାତ କରାଯାଉ ।

**ପରିସ୍ଥିତି ୧:** ଶ୍ରୀମତି ସାରା ଏକ ଗ୍ରାମାଂଚଳ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀରେ ଛାତ୍ରଛାତ୍ରୀମାନଙ୍କୁ ପଢ଼ାନ୍ତି । 'ପାନୀୟ ଜଳ' ଉପରେ ସେ ଏକ ପାଠ ପଢ଼ାଉ ଥିଲେ । ସିଧାସଳଖ ବିଷୟବସ୍ତୁ ପଢ଼ାଇବା ପରିବର୍ତ୍ତେ ଛାତ୍ରଛାତ୍ରୀମାନଙ୍କୁ ସେ ବିଦ୍ୟାଳୟର ସେହି ସ୍ଥାନକୁ ନେଇଗଲେ ଯେଉଁଠି ବିଦ୍ୟାଳୟ ପାଇଁ ପାନୀୟ ଜଳର ବ୍ୟବସ୍ଥା କରାଯାଇଥିଲା । ଛାତ୍ରଛାତ୍ରୀମାନଙ୍କ ସହିତ ତାଙ୍କର ନିମ୍ନଲିଖିତ ବାର୍ତାଳାପ ହୋଇଥିଲା:

ଶ୍ରୀମତି ସାରା: 'ଆଚ୍ଛା ପିଲାମାନେ, ଭଲ ଭାବରେ ଦେଖ ଏବଂ କୁହ ପିଇବା ପାଣି ପାଇବା ପାଇଁ କେଉଁ କେଉଁ ସାମଗ୍ରୀଗୁଡ଼ିକର ବ୍ୟବହାର କରାଯାଇଛି ।'

ଶିକ୍ଷାର୍ଥୀ : 'କାଠର ଷ୍ଟାଣ୍ଡ୍ ଉପରେ ଢାଙ୍କୁଣି ଥିବା ଏକ ବଡ଼ ମାଠିଆ, ଗୋଟିଏ ବାଲ୍‌ଟି, ଲମ୍ୱା ହ୍ୟାଣ୍ଡେଲ୍ ବା ହାତ ଥିବା ଏକ ଡଙ୍କି, ଚାରିଗୋଟି ଷ୍ଟିଲ୍ ଗ୍ଲାସ୍, ଏବଂ ମାଠିଆ ଓ ଗ୍ଲାସ୍‌ଗୁଡ଼ିକୁ ସଫା କରିବା ପାଇଁ ଗୋଟିଏ ସାବୁନ ଓ ବ୍ରସ୍ ।'

ସାରା: 'ବିଦ୍ୟାଳୟରେ ଆଜି ବ୍ୟବହାର କରିବା ପାଇଁ ଆମ୍ଭେମାନେ ସୁରକ୍ଷିତ ପାନୀୟ ଜଳ ଏହି ବଡ଼ ମାଠିଆରେ ଭର୍ତ୍ତି କରିବା । ମୋତେ କୁହ, ଏବେ ଆମେ କ'ଣ କରିବା ?'

ପିଲାମାନେ: 'ମାଠିଆ ଓ ବାଲ୍‌ଟିକୁ ଧୋଇ ପରିଷ୍କାର କରିବା, ପାଖ ଟ୍ୟୁବ୍‌ୱେଲ୍ (ନଳକୂଅ) କିମ୍ୱା କୂଅରୁ ବାଲ୍‌ଟିରେ ପାଣି ଆଣିବା, ପାଣିକୁ ସଫା କନାରେ ଛାଣି ମାଠିଆରେ ଭର୍ତ୍ତି କରିବା ଏବଂ ତା' ଉପରେ ଢାଙ୍କୁଣି ଦେଇ ଘୋଡ଼ାଇ ଦେବା ।'

ଉତ୍ତର ପ୍ରଦାନ କରିବା ସମୟରେ ପିଲାମାନେ ବେଶ୍ ଉତ୍ସାହିତ ଥିଲେ କାରଣ ସେମାନେ ଜାଣିଥିଲେ ଯେ ପ୍ରତିଦିନ ବିଦ୍ୟାଳୟରେ ପାନୀୟ ଜଳ ବ୍ୟବସ୍ଥା କରାଯିବା ସମୟରେ କେଉଁ କେଉଁ କାର୍ଯ୍ୟର ଏକତ୍ରୀକରଣ କରାଯାଇଥାଏ । ସାରା ତାଙ୍କର ବାର୍ତ୍ତାଳାପ ଜାରି ରଖିଲେ:

ସାରା: 'ତୁମେମାନେ ମାଠିଆ ଓ ବାଲ୍‌ଟିକୁ କାହିଁକି ଧୋଇ ପରିଷ୍କାର କର ?'

ପିଲାମାନେ: 'ପରିଷ୍କାର ବାସନରେ ରଖା ଯାଇଥିବା ପାଣି ଆମ ଶରୀରରେ ରୋଗ ସୃଷ୍ଟି କରୁଥିବା ଜୀବାଣୁ ରହିତ ହୋଇଥାଏ ।'

ସାରା: 'ମାଠିଆରେ ପାନୀୟ ଜଳକୁ ଜୀବାଣୁ ରହିତ କରି ରଖିବା ପାଇଁ ତୁମେମାନେ ଆଉ କ'ଣ କ'ଣ କରି ପାରିବ ?'

ପିଲାମାନେ: 'କୂଅର ପାଣିକୁ ଛାଣିବା ଏବଂ ଏହାକୁ ଘୋଡ଼େଇ ରଖିବା ।'

ପାନୀୟ ଜଳ ଥିବା ସ୍ଥାନର ଚାରିପାଖକୁ କିପରି ପରିଷ୍କାର ରଖାଯାଇ ପାରିବ, ସେ ବିଷୟରେ ସାରା ପିଲାମାନଙ୍କ ସହିତ ଆଲୋଚନା ଜାରି ରଖିଲେ । ତା'ପରେ ସେ ତାଙ୍କର ଆଲୋଚନାକୁ ଟ୍ୟୁବ୍‌ୱେଲ୍ ବା ନଳକୂଅରୁ ପାଣି ଆଣିବା ଏବଂ ତାକୁ ମାଠିଆରେ ଭର୍ତ୍ତି କରିବା ଦିଗକୁ ନେଲେ । ଯେହେତୁ ବାଲ୍‌ଟିଗୁଡ଼ିକ ବଡ଼ ଥିଲା ଏବଂ ସେଥିରେ ପାଣି ଭର୍ତ୍ତି କରି ନେବା ପିଲାମାନଙ୍କ ପାଇଁ କଷ୍ଟକର ଥିଲା, ତେଣୁ ସାରା ଗୋଟିଏ ଆକାରର ଚାରିଗୋଟି ଡବା ଆଣିଲେ ଯେଉଁଥିରେ ପିଲାମାନଙ୍କ ପାଇଁ ପାଣି ବୋହିବା ସହଜ ହେବ । ସେ ଚାହୁଁଥିଲେ ଯେ ପିଲାମାନେ କିଛି ଅନୁମାନ ଲଗାନ୍ତୁ ଓ କରନ୍ତୁ । ସେ ପିଲାମାନଙ୍କୁ କହିଲେ ବଡ଼ ମାଠିଆଟି ୫ ବାଲ୍‌ଟି ପାଣିରେ ଭର୍ତ୍ତି ହୋଇଯିବ, ତେଣୁ ସେମାନେ କୁହନ୍ତୁ ଯେ କେତେ କ୍ୟାନ୍ ବା ଡବା ପାଣିରେ ବଡ଼ ମାଠିଆଟି ଭର୍ତ୍ତି ହେବ । ଏହାଦ୍ୱାରା ପିଲାମାନଙ୍କୁ ଏକ ଚିନ୍ତା ଉଦ୍ରେକକାରୀ ପ୍ରଶ୍ନ ପଚରାଯାଇ ଆହ୍ୱାନ ଦିଆଗଲା । ଡବାରେ ପାଣି ଆଣି ଏବଂ ପାଣି ଭର୍ତ୍ତି ଡବାର ସଂଖ୍ୟା ଗଣି ମାଠିଆଟିକୁ ଭର୍ତ୍ତି କରିବା ପାଇଁ ଆବଶ୍ୟକ ହେଉଥିବା ପାଣିଭର୍ତ୍ତି ଡବାର ସଂଖ୍ୟା ଜାଣିବା ନିମନ୍ତେ କାହ୍ନୁ ପରାମର୍ଶ ଦେଲେ । ଉମା କହିଲେ ଯେ ଚାରିଜଣ ପିଲା ପ୍ରତ୍ୟେକ ଗୋଟିଏ ଲେଖାଏଁ ଡବାରେ ପାଣି ଭର୍ତ୍ତି କରି ଏକା ଥରକେ ମାଠିଆରେ ଢାଳିଲେ ତାହାଦ୍ୱାରା ମାଠିଆଟି ସମ୍ପୂର୍ଣ୍ଣ ଭର୍ତ୍ତି ହେବା ପାଇଁ କେତେ ସମୟ ଲାଗୁଛି, ତାହା ଜାଣି ହେବ ଏବଂ ତା'ପରେ ଯେତିକି ଥର ପିଲାମାନେ ପାଣି ଢାଳିଥିବେ, ତାକୁ





ଚାରିରେ ଗୁଣି କେତେ ଡବା ପାଣିରେ ମାଠିଆଟି ଭର୍ତ୍ତି ହେଲା, ତାହା ମଧ୍ୟ ଜାଣି ହେବ । କର୍ତ୍ତାର କିଛି ସମୟ ଚିନ୍ତା କରି କହିଲେ ଯେ ଯଦି ଗୋଟିଏ ବାଲ୍‌ଟିକୁ ଭର୍ତ୍ତି କରିବା ପାଇଁ କେତେ ଡବା ପାଣି ଆବଶ୍ୟକ ହେଉଛି, ତାହା ଜଣା ପଡ଼ିଯିବ, ତେବେ ସେହି ସଂଖ୍ୟାକୁ ୫ରେ ଗୁଣିଦେଲେ ଫଳ ଜଣା ପଡ଼ିଯିବ ।

ପିଲାମାନେ ମାଠିଆ ସଫା କରି ତହିଁରେ ପାଣି ଭରିବାରେ ବ୍ୟସ୍ତ ଥିଲାବେଳେ ମୀନା ଏବଂ ସହାନା 'ପାନିରେ ପାନି...' ଗୀତ ଗାଇବାକୁ ଆରମ୍ଭ କରିଥିଲେ ଏବଂ ଅନ୍ୟମାନେ ସେମାନଙ୍କ ସହିତ ସମ୍ମିଳିତ ସ୍ୱରରେ ଗୀତ ଗାଇବାରେ ଯୋଗ ଦେଇଥିଲେ । କ୍ଲାସ୍ ଶେଷରେ ସାରା ନିମ୍ନଲିଖିତ ତିନିଗୋଟି କାର୍ଯ୍ୟ ପିଲାମାନଙ୍କୁ ଦେଇଥିଲା:

- ପିଇବା ପାଇଁ ପରିଷ୍କାର ପାଣି ସଂଗ୍ରହ କରିବାର କି କି ଉପାୟ ରହିଛି ?
- ଯଦି ଚାରିଜଣ ପିଲାଙ୍କୁ ମାଠିଆ ଭର୍ତ୍ତି କରିବାକୁ ୨୦ ମିନିଟ ସମୟ ଲାଗେ, ତା'ହେଲେ ପାଂଚଜଣ ପିଲାଙ୍କୁ ସମାନ ଗତିରେ ସେହି ମାଠିଆ ଭର୍ତ୍ତି କରିବାକୁ କେତେ ସମୟ ଲାଗିବ ?
- ପିଇବା ପାଣି ସଂଗ୍ରହ ଓ ଗଚ୍ଛିତ କରି ରଖିବାକୁ ଶ୍ରେଣୀଦ୍ୱାରା କରାଯାଇଥିବା ଉଦ୍ୟମକୁ ୨୦ଟି ବାକ୍ୟ ମଧ୍ୟରେ ବର୍ଣ୍ଣନା କର ।

ଆପଣମାନେ ସହମତ ହେବେ ଯେ ଶିକ୍ଷା ଗ୍ରହଣ ଏବଂ ଶିକ୍ଷାଦାନ ପାଇଁ ସାରା ବିଷୟଭିତ୍ତିକ ଶ୍ରେଣୀଗୃହ କାର୍ଯ୍ୟକଳାପ ଅପେକ୍ଷା ବାସ୍ତବ ଜୀବନର ଅନୁଭୂତି ଉପରେ ବେଶୀ ନିର୍ଭର କରୁଥିଲେ । ସେ ପିଇବା ପାଣିକୁ ମୌଳିକ ବିଷୟବସ୍ତୁ ଭାବରେ ଗ୍ରହଣ କରିଥିଲେ ଯାହା ଶ୍ରେଣୀର ସମସ୍ତ ପିଲାମାନଙ୍କ ପାଇଁ ସାର୍ଥକ ତଥା ବାସ୍ତବ ଜୀବନ ସହିତ ପରିଚିତ ଥିଲା । ବାସ୍ତବ ଜୀବନର ଅନୁଭବ ସହିତ ପରିଚିତ ଏହି ତଥ୍ୟ ଦ୍ୱାରା ଅନ୍ୟାନ୍ୟ ବିଷୟର ତଥ୍ୟକୁ ମଧ୍ୟ ସେ ବିଭିନ୍ନ ବିଷୟର ତଥ୍ୟକୁ ପରିଚିତ କରାଇ ଥିଲେ ଯାହା ମୁଖ୍ୟ ବିଷୟ ସହିତ ସମ୍ପର୍କିତ ଥିଲା ଆଉ ସେଥିପାଇଁ ଛାତ୍ରଛାତ୍ରୀମାନଙ୍କ ପାଇଁ ଅର୍ଥପୂର୍ଣ୍ଣ ବା ସାର୍ଥକ ଥିଲା । ଯେଉଁଠି ଏକୀକୃତ ଶିକ୍ଷା ଗ୍ରହଣ ଚାଲୁ ରହିଛି, ଏହା ହେଉଛି ସେଠାକାର ଏକ ସରଳ ସ୍ଥିତି ବା ଅବସ୍ଥାର ଉଦାହରଣ । ଶିକ୍ଷା ଗ୍ରହଣ ଓ ଶିକ୍ଷାଦାନର ଏପରି ଏକୀକୃତ ପ୍ରକ୍ରିୟାକୁ ଛାତ୍ରଛାତ୍ରୀମାନଙ୍କ ପାଇଁ ସାଧାରଣତଃ ଅନୁସୃତ ହେଉଥିବା ବିଷୟଭିତ୍ତିକ ଶିକ୍ଷାଦାନ ପ୍ରକ୍ରିୟା ଅପେକ୍ଷା ଅଧିକ ଉପଯୋଗୀ ତଥା ସାର୍ଥକ ବା ଅର୍ଥପୂର୍ଣ୍ଣ ବୋଲି ବିବେଚନା କରାଯାଉଛି ବିଶେଷକରି ପ୍ରାରମ୍ଭିକ ବିଦ୍ୟାଳୟର ଛୋଟ ଛୋଟ ପିଲାମାନଙ୍କ ପାଇଁ ।

ଏହି ଏକକ ବା ୟୁନିଟ୍‌ରେ ଏକୀକୃତ ଶିକ୍ଷା ଗ୍ରହଣର ମୌଳିକ ବିଶେଷତ୍ୱ ତଥା ବିଭିନ୍ନ ପ୍ରକାରର ଏକୀକୃତ ଶିକ୍ଷା ଗ୍ରହଣ ସମ୍ବନ୍ଧରେ ଶିକ୍ଷାଲାଭ କରିହେବ ଯାହା ଆପଣମାନଙ୍କୁ ଶ୍ରେଣୀଗୃହରେ ଏକୀକୃତ ଶିକ୍ଷା ଗ୍ରହଣର ଆଭିମୁଖ୍ୟ ଆପଣାଇବାକୁ ସମର୍ଥ କରାଇବ ।

ଏହି ୟୁନିଟ୍‌ର ବିଭିନ୍ନ ତଥ୍ୟକୁ ବୁଝିବା ପାଇଁ ଆପଣମାନଙ୍କୁ ୭ ଘଂଟାର ଅଧ୍ୟୟନ କରିବାକୁ ପଡ଼ିବ ।

## ୯.୧ ଶିକ୍ଷା ଶିକ୍ଷଣର ଉଦ୍ଦେଶ୍ୟ

ଏହି ୟୁନିଟ୍‌ର ଅଧ୍ୟୟନ ଶେଷ କରିବା ପରେ ଆପଣମାନେ:-

- ସମନ୍ୱିତ ଶିକ୍ଷଣର ଧାରଣା, ଆବଶ୍ୟକତା ଏବଂ ଯଥାର୍ଥତା ବୁଝାଇବାରେ ସମର୍ଥ ହେବେ ।
- ବିଭିନ୍ନ ପ୍ରକାରର ସମନ୍ୱୟ ଏବଂ ସେଗୁଡ଼ିକର ଅର୍ଥପୂର୍ଣ୍ଣ ବା ଏହାର ଉପଯୋଗ ସମ୍ବନ୍ଧରେ ବର୍ଣ୍ଣନା କରି ପାରିବେ ।
- ସମନ୍ୱିତ କରିବାର କୌଶଳ କୁ ଗୋଟିଏ ବିଷୟ ମଧ୍ୟରେ ଓ ଅନ୍ୟାନ୍ୟ ବିଷୟ ଗୁଡ଼ିକର ସମନ୍ୱୟ ପାଇଁ ବ୍ୟବହାର କରିବେ ।
- ପାଠ୍ୟପୁସ୍ତକ ଏବଂ ଶିକ୍ଷଣ ଉପକରଣଗୁଡ଼ିକର ବିଶେଷତ୍ୱକୁ ଚହ୍ନଟ କରି ପାରିବେ ।

ଟିପ୍ପଣୀ

## ୯.୨ ସମନ୍ୱିତ ଶିକ୍ଷଣର ଧାରଣା

ନିମ୍ନରେ ପ୍ରଦାନ କରାଯାଇଥିବା ଏକ ପରିସ୍ଥିତିକୁ ଦେଖିବ ।

**ପରିସ୍ଥିତି ୨:** ଷଷ୍ଠ ଶ୍ରେଣୀରେ ସୁଷମା ବିଜ୍ଞାନ ପଢ଼ାଉଥିବା ବେଳେ ସୋଫିଆ ଭାଷା ସାହିତ୍ୟ ପଢ଼ାନ୍ତି । ସୁଷମା ଏକ ଗଛର ବିଭିନ୍ନ ଅଂଶର ବିଶେଷତ୍ୱ ପଢ଼ାଉ ଥିବାବେଳେ ସୋଫିଆ ପାଠ୍ୟପୁସ୍ତକର ଏକ କବିତା ମାଧ୍ୟମରେ ପ୍ରାକୃତିକ ସୌନ୍ଦର୍ଯ୍ୟ ପ୍ରତି ପ୍ରଶଂସାର ଭାବନା ବିକଶିତ କରିବାକୁ ଚେଷ୍ଟା କରୁଥିଲେ । ଦିନେ ଦୁଇଜଣଯାକ ଏକାଠି ସେହି ଶ୍ରେଣୀରେ ବିଜ୍ଞାନ ଓ କବିତାକୁ ମିଶାଇ ପଢ଼ାଇବାକୁ ସ୍ଥିର କଲେ । ସେଥିପାଇଁ ସେମାନେ 'ଫୁଲ' ବିଷୟଟିକୁ ବାଛିଲେ । ସେମାନେ ଦୁଇଜଣଯାକ ମିଶି ବିଷୟଟିକୁ ପଢ଼ାଇବା ପାଇଁ ବିସ୍ତୃତ ଭାବରେ ଯୋଜନା କଲେ ଯେଉଁଥିରେ ସୁଷମା ବିଭିନ୍ନ ପ୍ରକାରର ଫୁଲ ତଥା ଏକ ଉଭୟ ଲିଙ୍ଗୀ ଫୁଲର ଅଂଶଗୁଡ଼ିକ ବିଷୟରେ ବୁଝାଇବାକୁ ସ୍ଥିର କରାଯାଇଥିବା ବେଳେ ସୋଫିଆ କବିତା ଆବୃତ୍ତି କରିବା ସହିତ ବିଭିନ୍ନ ଫୁଲର ସୁନ୍ଦରତା ପ୍ରତି ପ୍ରଶଂସା ଭାବନା ସୃଷ୍ଟି କରିବାକୁ ସ୍ଥିର ହେଲା । କିନ୍ତୁ କୌଣସି ଦୁର୍ଘଟଣା ଯୋଗୁ ସୋଫିଆଙ୍କ ସେହି ଶ୍ରେଣୀରେ ଅନୁପସ୍ଥିତ ରହିବାକୁ ପଡ଼ିଲା । ସୁଷମା ପୂର୍ବରୁ ସେମାନଙ୍କଦ୍ୱାରା ପ୍ରସ୍ତୁତ କରାଯାଇଥିବା ଯୋଜନା ଅନୁସାରେ ପଢ଼ାଇଲେ ।

ଏପରି ସ୍ଥିତି ବା ଅବସ୍ଥା ଆମ୍ଭମାନଙ୍କୁ ଉଦ୍ଭଟ ମନେହୋଇପାରେ, କିନ୍ତୁ ସୁଷମା ଯାହା କରୁଥିଲେ ତାହା ହେଉଛି ସମନ୍ୱିତ ଶିକ୍ଷଣ ପ୍ରକ୍ରିୟା ।

ସମନ୍ୱିତ ଶିକ୍ଷାଦାନ ଏବଂ ଶିକ୍ଷଣ ପରିପ୍ରେକ୍ଷୀରେ 'ସମନ୍ୱିତ ପାଠ୍ୟକ୍ରମ', 'ଅନ୍ତର୍ବିଷୟୀ ଶିକ୍ଷଣ', 'ବହୁବିଷୟୀ ଶିକ୍ଷଣ', 'ବିଷୟଗତ ଶିକ୍ଷଣ', 'ସନ୍ତୁଳିତ ଶିକ୍ଷଣ' ଭଳି ଅନେକ ପ୍ରକାରର ଶବ୍ଦ ବ୍ୟବହୃତ ହୋଇଥାଏ । ଏକୀକୃତ ଶିକ୍ଷା ଗ୍ରହଣ ଏବଂ ଏକୀକୃତ ପାଠ୍ୟକ୍ରମ ଉପରେ ଗବେଷଣା କରିଥିବା ଗବେଷକମାନଙ୍କଦ୍ୱାରା ପ୍ରଦାନ କରାଯାଇଥିବା କେତେକ ସଂଜ୍ଞାକୁ ପରୀକ୍ଷା କରି ଦେଖିବା ।

ଟିପ୍ପଣୀ

- ‘ଏକ ସମନ୍ୱିତ ଅଧ୍ୟୟନ ହେଉଛି ତାହା ଯେଉଁଥିରେ ପିଲାମାନେ ନିଜସ୍ୱ ପରିବେଶର କେତେକ ସ୍ୱତନ୍ତ୍ର ଦିଗ ସହିତ ସମ୍ବନ୍ଧିତ ବିଭିନ୍ନ ବିଷୟବସ୍ତୁ ଉପରେ ବିସ୍ତୃତ ଭାବରେ ଜ୍ଞାନ ଆହରଣ କରିଥାନ୍ତି ।’ (ହମ୍ଫ୍ରିଜ୍, ପୋଷ୍ଟ୍ ଆଣ୍ଡ୍ ଏଲିସ୍, ୧୯୮୧, ପୃ. ୧୧)
- ‘ସମନ୍ୱିତ ଶିକ୍ଷଣ କହିଲେ ତାହାକୁ ବୁଝାଏ ଯେଉଁଥିରେ ‘ଶିକ୍ଷା ଏପରି ଭାବରେ ସଂଗଠିତ କରାଯାଇଥାଏ ଯେଉଁଥିରେ ବିଷୟବସ୍ତୁର କୌଣସି ସୀମାରେଖା ନଥାଏ, ଅଧ୍ୟୟନର ପ୍ରଶସ୍ତ କ୍ଷେତ୍ର ଉପରେ କେନ୍ଦ୍ରିତ କରିବା ପାଇଁ ପାଠ୍ୟକ୍ରମର ବିଭିନ୍ନ ଭାଗ କୁ ସାର୍ଥକ ରୂପରେ ଏକତ୍ରିତ କରାଯାଇଥାଏ । ଏହା ଶିକ୍ଷଣ ଓ ଶିକ୍ଷାଦାନକୁ ଏକ ସଂପୂର୍ଣ୍ଣ ରୂପରେ ଦେଖିଥାଏ ଏବଂ ଏଥିରେ ବାସ୍ତବ ଜଗତର ପ୍ରତିଫଳନ ଘଟିଥାଏ ଯାହା ପରସ୍ପର ଭାବ ବିନିମୟକାରୀ ହୋଇଥାଏ ।’ (ସୁମେକର, ୧୯୮୯, ପୃ. ୫)
- ସମନ୍ୱିତ ବା ଅନ୍ତର୍ବିଷୟୀ ଶିକ୍ଷଣର ସଂଜ୍ଞା ନିର୍ଦ୍ଧାରଣ କରି ଜ୍ୟାକବ୍ କହିଛନ୍ତି ଯେ ‘ଜ୍ଞାନ ଓ ପାଠ୍ୟକ୍ରମର ଏହା ଏପରି ଏକ ସମ୍ମିଶ୍ରଣ ଯାହା ସଚେତନ ଭାବରେ ଏକ ମୁଖ୍ୟ ବିଷୟବସ୍ତୁ, ପ୍ରସଙ୍ଗ, ସମସ୍ୟା, ବିଷୟବସ୍ତୁ ସମ୍ବନ୍ଧରେ ଗୋଟିଏ ବା ତତୋଧିକ ଆଭିମୁଖ୍ୟ ନେଇ ଚିନ୍ତା କରିବାର ବିଧି ଏବଂ ଭାଷାର ପ୍ରୟୋଗ ଶିଖାଇ ଥାଏ । (ଜ୍ୟାକବ୍ସ୍, ୧୯୮୯, ପୃ. ୮)
- ସମନ୍ୱିତ ପାଠ୍ୟକ୍ରମ ଡିପ୍ଲୋମା ଇନ୍ ଏଲିମେଂଟାରୀ ଏଜୁକେସନ୍ (ଡି. ଇଲ୍. ଇଡି)ରେ ରହିଥିବା ବିଷୟବସ୍ତୁଗୁଡ଼ିକ ମଧ୍ୟରେ ଥିବା ପ୍ରତିବନ୍ଧକଗୁଡ଼ିକୁ ଦୂର କରି ଛାତ୍ରଛାତ୍ରୀମାନଙ୍କ ପାଇଁ ଶିକ୍ଷଣକୁ ଅଧିକ ଅର୍ଥପୂର୍ଣ୍ଣ କରିବା ନିମନ୍ତେ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଦେବାର ଏକ ଉଦ୍ୟମ । ଏହାର ଉଦ୍ଦେଶ୍ୟ ହେଉଛି, ଶିକ୍ଷାଦାନକୁ କୌଣସି ବିଷୟବସ୍ତୁକୁ କେନ୍ଦ୍ର କରି ଶିକ୍ଷା ଦେବା ବା ‘କେନ୍ଦ୍ରକୁ ସଂଗଠିତ କରିବା’ ଯାହା ଫଳରେ ଛାତ୍ରଛାତ୍ରୀମାନେ ଖୁବ୍ ସହଜରେ ନିଜକୁ ତହିଁରେ ସଂଯୋଗ କରି ପାରିବେ ଯେପରି- ‘ପରିବେଶ’, ‘ସ୍କୁଲ ବା ବିଦ୍ୟାଳୟରେ ଜୀବନ’ କିମ୍ବା ‘ପୁରାଣ ଶାସ୍ତ୍ର ଓ କିମ୍ବଦନ୍ତୀ’ ଭଳି ଅଧିକ ପାରମ୍ପରିକ କ୍ଷେତ୍ର । (ବିନ୍, ୧୯୭୭, ପୃ. ୧୩- ୧୪)

ମୋଟାମୋଟି ସମନ୍ୱିତ ପାଠ୍ୟକ୍ରମ ବା ସମନ୍ୱିତ ଶିକ୍ଷଣ ସବୁଯାକ ସଂଜ୍ଞା ନିମ୍ନଲିଖିତ କଥାଗୁଡ଼ିକୁ ବର୍ଣ୍ଣନା କରିଥାଏ:

- ବିଷୟର ସମ୍ମିଶ୍ରଣ/ ସମଷ୍ଟି: ଏକରୁ ଅଧିକ ବିଷୟକୁ ମିଶାଇ ଏକ ନୂଆ ବିଷୟବସ୍ତୁ ଏବଂ କାର୍ଯ୍ୟର ବିକାଶ କରିବା ଯାହା ଛାତ୍ରଛାତ୍ରୀମାନଙ୍କର ପୂର୍ବ ଅନୁଭବକୁ ସେମାନଙ୍କର ବାସ୍ତବିକ ଜୀବନ ସହିତ ଯୋଡୁଥିବ ।
- ପାଠ୍ୟପୁସ୍ତକର ବାହାର ଉତ୍ସ: ସମନ୍ୱିତ ପାଠ୍ୟକ୍ରମ ଛାତ୍ରଛାତ୍ରୀମାନଙ୍କ ବାସ୍ତବିକ ଜଗତର ଅନୁଭବ ସହିତ ସମ୍ବନ୍ଧିତ । ତେଣୁ ଏହାର ଶିକ୍ଷାଦାନ କଳ୍ପନା ବାହରେ ଅମୂର୍ତ୍ତ ତଥା ଅପରିଚିତ ପାଠ୍ୟପୁସ୍ତକ ସମାଗ୍ରୀ ହୋଇପାରେ ।
- ଅବଧାରଣାଗୁଡ଼ିକ ମଧ୍ୟରେ ସମ୍ବନ୍ଧ: ଛାତ୍ରଛାତ୍ରୀମାନଙ୍କୁ ଉଚିତ ତଥା ସମ୍ପୂର୍ଣ୍ଣ ଜ୍ଞାନ ପ୍ରଦାନ

କରାଯିବାର ଉଦ୍ଦେଶ୍ୟ ପୋଷଣ କରାଯାଉ ଥିବାରୁ ବିଭିନ୍ନ ବିଷୟବସ୍ତୁରୁ ବଛା ବଛା ଅବଧାରଣାଗୁଡ଼ିକୁ ନେଇ ସମନ୍ୱିତ ଶିକ୍ଷାଦାନର ଯୋଜନା ପ୍ରସ୍ତୁତ କରାଯାଏ ଯାହା ପରସ୍ପର ସହିତ ସମ୍ବନ୍ଧିତ ହୋଇଥାଏ ।

- ବିଷୟବସ୍ତୁର ଏକକ ଗୁଡିକ ହେଲା ସଂଗଠିତ ନୀତି: ସାଧାରଣତଃ ଛାତ୍ରଛାତ୍ରୀମାନେ ପରିଚିତ ଥିବା ବିଷୟବସ୍ତୁ ଯଥା ଜଳ, 'ଅଗ୍ନି', 'ପରିବେଶ', 'ନିର୍ବାଚନ' ଇତ୍ୟାଦି ଉପରେ ପରସ୍ପର ସମ୍ବନ୍ଧିତ ଧାରଣାଗୁଡ଼ିକୁ ନେଇ ଏକତ୍ରିତ କରାଯାଇଥାଏ ।
- ପ୍ରକଳ୍ପ କାର୍ଯ୍ୟ ଉପରେ ଗୁରୁତ୍ୱ: ଗୋଟିଏ ପ୍ରକଳ୍ପ ବିଦ୍ୟାର୍ଥୀର ସାମାଜିକ ପ୍ରସଙ୍ଗ ସହିତ ସମ୍ବନ୍ଧିତ ହୋଇଥାଏ ଯାହାକୁ ପ୍ରାକୃତିକ ପରିବେଶ ମଧ୍ୟରେ ସମ୍ପନ୍ନ କରାଯାଇଥାଏ । ପ୍ରକଳ୍ପ କାର୍ଯ୍ୟକୁ ଶେଷ କରିବା ନିମନ୍ତେ ବିଦ୍ୟାର୍ଥୀ ମାନେ ପ୍ରାୟତଃ ଦଳଗତ ଭାବେ କରିଥାନ୍ତି । ସେମାନଙ୍କୁ ନିଜର ବାସ୍ତବିକ ଜୀବନର ସମସ୍ୟାଗୁଡ଼ିକର ସମାଧାନ କରିବା ପାଇଁ ବିଭିନ୍ନ ବିଷୟରେ ଥିବା ନିଜର ଜ୍ଞାନ ଓ ଅନୁଭବକୁ ଏକାଠି କରିଥାନ୍ତି ।
- କାର୍ଯ୍ୟ ନିର୍ଘଂଟରେ ନମନୀୟତା: ସମନ୍ୱିତ ଶିକ୍ଷାଦାନ-ଶିକ୍ଷଣକୁ ଶ୍ରେଣୀଗୃହର ନିର୍ଦ୍ଦିଷ୍ଟ ସମୟ ସୀମା ବା ସାରଣୀ ମଧ୍ୟରେ ରଖାଯାଇ ପାରିବ ନାହିଁ । ସମନ୍ୱିତ ଧାରଣାଗୁଡ଼ିକର ଶିକ୍ଷଣ ନିମନ୍ତେ ସମୟ ଏବଂ ସ୍ଥାନର ଦିଗରେ ଯଥେଷ୍ଟ ସ୍ୱାଧିନତା ଦିଆଯିବା ଆବଶ୍ୟକ ।
- ବିଦ୍ୟାର୍ଥୀମାନଙ୍କ ଦଳ ଗଠନରେ ନମନୀୟତା: ବିଦ୍ୟାର୍ଥୀମାନଙ୍କ ନିମନ୍ତେ ସମନ୍ୱିତ ଶିକ୍ଷଣକୁ ଅଧିକ ଅର୍ଥପୂର୍ଣ୍ଣ ଓ ପ୍ରଭାବଶାଳୀ କରିବା ପାଇଁ ସେମାନଙ୍କୁ ଦଳ ଗଠନ କରିବା ସମୟରେ ଅଧିକ ନମନୀୟତା ଆବଶ୍ୟକ ହୋଇଥାଏ ବିଶେଷକରି ବିଭିନ୍ନ ପ୍ରକାର ବିଦ୍ୟାର୍ଥୀମାନଙ୍କର ରୁଚି ଓ ପସନ୍ଦ ତଥା ଆବଶ୍ୟକତା ଭିତ୍ତିରେ ଦଳ ତିଆରି କରାଯିବା ଉଚିତ୍ । ଭିନ୍ନ ଭିନ୍ନ ବିଦ୍ୟାର୍ଥୀଙ୍କୁ ନେଇ ଗଠିତ ଦଳ ଏକ ପ୍ରାକୃତିକ ପରିବେଶ ସୃଷ୍ଟି କରିବା ଏବଂ ସହପାଠୀଙ୍କଠାରୁ ଶିକ୍ଷା ଗ୍ରହଣ କରିବାରେ ସହାୟକ ହୋଇଥାଏ ।

ଅଭ୍ୟାସ- ୧ ପାରମ୍ପରିକ ବିଷୟଭିତ୍ତିକ ଶିକ୍ଷାଦାନ ଏବଂ ସମନ୍ୱିତ ଶିକ୍ଷାଦାନ ମଧ୍ୟରେ ନିହାତି କମ୍‌ରେ ତିନିଗୋଟି ପାର୍ଥକ୍ୟ ନିରୂପଣ କର ।

## ୯.୩ ସମନ୍ୱିତ ପ୍ରକ୍ରିୟା ଓ ପ୍ରକାର ଭେଦ

ଚିତ୍ର ୯.୧ରେ ଦର୍ଶାଯାଇଥିବା ପ୍ରକାର ସମନ୍ୱିତ କରଣ ତିନୋଟି ଭିନ୍ନ ଭିନ୍ନ ବର୍ଗରେ ବର୍ଗୀକୃତ କରାଯାଇପାରେ ।




## ୯.୩.୧ ଏକ ବିଷୟ କ୍ଷେତ୍ର ସମନ୍ୱିତ କରଣ

ଏକ ବିଷୟ କ୍ଷେତ୍ର ଭିତରେ **ସମନ୍ୱିତ କରଣ** ବା ଅନ୍ତଃବିଷୟୀ ସମନ୍ୱିତ କରଣ ପ୍ରକ୍ରିୟାରେ ଶିକ୍ଷାଦାନ - ଶିକ୍ଷଣ ସମୟରେ ଗୋଟିଏ ବିଷୟର ଜ୍ଞାନ ଓ ଦକ୍ଷତାକୁ ଏକା ସଙ୍ଗେ ଯୋଡ଼ା ଯାଇଥାଏ । ଅନ୍ୟ ଭାବରେ କହିଲେ, ଏହା ହେଉଛି ଗୋଟିଏ ବିଷୟ ମଧ୍ୟରେ ଥିବା ବିଭିନ୍ନ ପାଠର ଭିନ୍ନ ଭିନ୍ନ ଧାରଣାକୁ ଶ୍ରେଣୀଗୃହରେ ଶିକ୍ଷାଦାନ ସମୟରେ ଏକତ୍ର ଯୋଡ଼ାଯାଇ ପଢ଼ା ଯାଇଥାଏ ।

ଉଦାହରଣ ସ୍ୱରୂପ:

- ଭାଷା ଶିକ୍ଷାଦାନ ସମୟରେ ଆମେ ପଢ଼ିବା, ଲେଖିବା ଏବଂ ମୌଖିକ କଥନର ଦକ୍ଷତାକୁ 'କାହାଣୀ ଶୁଣାଇବା' ଜରିଆରେ ସମ୍ମିଳିତ ବା ଏକତ୍ରିତ କରି ପାରିବା ।
- ଦ୍ୱିତୀୟ ଶ୍ରେଣୀର ପରିବେଶ ଅଧ୍ୟୟନର ବିଭିନ୍ନ ପାଠ ଯେପରି 'ପରିବାର', 'ପଡ଼ୋଶୀ', 'ପର୍ବପର୍ବାଣି', 'ପେଷା/ ବ୍ୟବସାୟ' ଇତ୍ୟାଦିକୁ 'ଆମ ଗାଁରେ ଜୀବନ'ଆଲୋଚନା କଲାବେଳେ ବ୍ୟକ୍ତିଗତ ଏବଂ ସାମାଜିକ ଯଥାର୍ଥତାକୁ ଯୋଡ଼ିପାରିବା ।
- ଗଣିତରେ ଲାଭ ଓ କ୍ଷତି ସମ୍ବନ୍ଧରେ ଶିକ୍ଷଣ ସମୟରେ ପ୍ରତିଶତ/ ଶତକଡ଼ା ହାର, ଡେସିମଲ ବିଭାଜନ, ସୁଧହାର କଷିବା ଇତ୍ୟାଦି ସମ୍ପର୍କିତ ପାଠକୁ ଏକତ୍ରୀକରଣ କରାଯାଇପାରେ ।

## ୯.୩.୨ ବହୁ ବିଷୟ କ୍ଷେତ୍ର ମଧ୍ୟରେ ସମନ୍ୱିତ କରଣ

ଶିକ୍ଷାଦାନ- ଶିକ୍ଷଣ ପ୍ରକ୍ରିୟା ସମୟରେ ଦୁଇ ବା ଦୁଇରୁ ଅଧିକ ବିଷୟ କ୍ଷେତ୍ରର ଜ୍ଞାନ ଏବଂ କୌଶଳ ବା ଦକ୍ଷତାକୁ ଏକତ୍ରୀକରଣ କରିବାର ପ୍ରକ୍ରିୟା ଦୁଇ ପ୍ରକାରର ହୋଇପାରେ: ବହୁବିଷୟୀ ଏବଂ ଅର୍ନ୍ତବିଷୟୀ

*ବହୁବିଷୟୀ ସମନ୍ୱିତ କରଣ:* ବହୁବିଷୟୀ ସମନ୍ୱିତ କରଣ ବିଷୟ କ୍ଷେତ୍ରର ପରିଣାମ ସ୍ୱଷ୍ଟ ରହିଥାଏ, କିନ୍ତୁ କେତେକ ଅର୍ଥପୂର୍ଣ୍ଣ ସମ୍ପର୍କ କାରଣରୁ ସେଗୁଡ଼ିକ କାର୍ଯ୍ୟ କରିବା ସମୟରେ ପରସ୍ପର ସହିତ ସଂଯୁକ୍ତ ହୋଇଥାନ୍ତି । ନିମ୍ନରେ ପ୍ରଦାନ କରାଯାଇଥିବା ଚିତ୍ର ୯.୨ ବିଭିନ୍ନ ବିଷୟ ମଧ୍ୟରେ ଥିବା ପରସ୍ପର ସହିତ ସମ୍ପର୍କକୁ ଦର୍ଶାଇଥାଏ ଯଥା: ଜଳ

ଟିପ୍ପଣୀ




**ଚିତ୍ର ୨: ବହୁବିଷୟୀ ଏକୀକରଣର ଉଦାହରଣ**

*ଅନ୍ତର୍ବିଷୟୀ ସମନ୍ୱୟ:* ଶିକ୍ଷାଦାନ କରିବା ସମୟରେ ଏକରୁ ଅଧିକ ବିଷୟ କ୍ଷେତ୍ରରେ ଥିବା ପରସ୍ପର ଉପରେ ନିର୍ଭରଶୀଳ ବା ସାଧାରଣ ଜ୍ଞାନ ଓ ଦକ୍ଷତାକୁ ଏକତ୍ରିତ କରିବାର ପ୍ରକ୍ରିୟାକୁ ଅର୍ନ୍ତବିଷୟୀ ସମନ୍ୱିତ କରଣ କୁହାଯାଇଥାଏ । ଉଦାହରଣ ସ୍ୱରୂପ, ଗଣିତ ଓ ବିଜ୍ଞାନର ଅବଧାରଣାଗୁଡ଼ିକୁ ସଙ୍ଗୀତ, ଖୋଦେଇ, ଚିତ୍ର ଏବଂ ନୃତ୍ୟ ସହିତ ସମନ୍ୱୟ କରି ପଢ଼ାଯାଇ ପାରିବ ।

## ୯.୩.୩ ବିଷୟ କ୍ଷେତ୍ରର ବାହାରେ ସମନ୍ୱୟ

ବିଷୟ କ୍ଷେତ୍ରର ବାହାରେ ସମନ୍ୱିତ କରଣ ବା ବର୍ହିବିଷୟୀ ସମନ୍ୱିତ କରଣ କ୍ଷେତ୍ରରେ ବିଦ୍ୟାର୍ଥୀମାନଙ୍କର ଦୈନନ୍ଦିନ ଜୀବନର ଅନୁଭବକୁ ସେମାନଙ୍କର ଜ୍ଞାନ ଓ ଦକ୍ଷତା ଅର୍ଜନ ପାଇଁ ବିଭିନ୍ନ ପ୍ରକାରର ବିଷୟ କ୍ଷେତ୍ର ସହିତ ଏକତ୍ରିତ କରାଯାଇଥାଏ । ଅନ୍ୟ ଭାବରେ କହିଲେ, ଅର୍ନ୍ତବିଷୟୀ ତଥା ଅନ୍ତଃବିଷୟୀ ବା ବିଷୟ ଭିତରେ ଥିବା କୌଶଳକୁ ବର୍ହିବିଷୟୀ ସମନ୍ୱିତ କରଣ କେନ୍ଦ୍ରିତ କରାଯାଇଥାଏ । ଉଦାହରଣ ସ୍ୱରୂପ, ପ୍ରକଳ୍ପ ଭିତ୍ତିକ ଶିକ୍ଷାଦାନ ଓ ଶିକ୍ଷଣ । ପ୍ରକଳ୍ପ ଭିତ୍ତିକ ଶିକ୍ଷଣରେ ବିଦ୍ୟାର୍ଥୀମାନେ ଏକ ଆଂଚଳିକ ସମସ୍ୟାର ମୁକାବିଲା କରିଥାନ୍ତି ଏବଂ ଅନୁସନ୍ଧାନ ଓ ସମାଧାନ କରିବାର ପ୍ରକ୍ରିୟା ମାଧ୍ୟମରେ ଧାରଣା ଓ ଦକ୍ଷତାଗୁଡ଼ିକ ଶିକ୍ଷାଲାଭ କରିଥାନ୍ତି ।

## ୯.୩.୪ ସମନ୍ୱିୟର କରଣ ତିନିଗୋଟିଯାକ ଆଭିମୁଖ୍ୟ ମଧ୍ୟରେ ତୁଳନା ଓ ଭିନ୍ନତା

ନିମ୍ନରେ ପ୍ରଦାନ କରାଯାଇଥିବା ଟେବୁଲ୍ ୯.୧ରେ ସମନ୍ୱୟ ତିନିଗୋଟିଯାକ ଆଭିମୁଖ୍ୟ ମଧ୍ୟରେ ତୁଳନା ଓ ଭିନ୍ନତା ପ୍ରଦାନ କରାଯାଇଅଛି ।

| | ବହୁବିଷୟୀ | ଅର୍ନ୍ତବିଷୟୀ | ବର୍ହିବିଷୟୀ |
|---|---|---|---|
| କେନ୍ଦ୍ରର ସଂଗଠନ | ଏକ ମୁଖ୍ୟ ବିଷୟବସ୍ତୁର ମାନକ ଅନୁଯାୟୀ ପାଖାପାଖି ବିଷୟବସ୍ତୁଗୁଡିକ ସଂଗଠିତ କରାଯାଇଥାଏ । | ଅର୍ନ୍ତବିଷୟୀ ଦକ୍ଷତା ଓ ଧାରଣା ବିଷୟ ଭିତ୍ତିକ ମାନଙ୍କରେ ଅନ୍ତର୍ନିହିତ ରହିଥାଏ । | • ବାସ୍ତବିକ ଜୀବନ ପ୍ରସଙ୍ଗ<br>• ବିଦ୍ୟାର୍ଥୀଙ୍କ ପ୍ରଶ୍ନ |
| ଜ୍ଞାନ ଗ୍ରହଣ କରିବା | • ବିଷୟଭିତ୍ତିକ ସଂରଚନା ମାଧ୍ୟମରେ ସର୍ବୋତ୍କୃଷ୍ଟ ଜ୍ଞାନ ପ୍ରାପ୍ତି । | • ସାଧାରଣ ଧାରଣା ଏବଂ କୌଶଳ ଦ୍ୱାରା ସଂଯୁକ୍ତ ବିଷୟଗୁଡିକ | • ସବୁ ଜ୍ଞାନ ପରସ୍ପର ସହିତ ସଂଯୁକ୍ତ ଏବଂ ପରସ୍ପର ଉପରେ ନିର୍ଭରଶୀଳ<br>• ଅନେକ ଗୁଡିଏ ସଠିକ୍ ଉତ୍ତର |

ଟିପ୍ପଣୀ

| | ବହୁବିଷୟୀ | ଅର୍ନ୍ତବିଷୟୀ | ବର୍ହିବିଷୟୀ |
|---|---|---|---|
| | • ଏକ ସଠିକ୍ ଉତ୍ତର<br>• ଏକ ସତ୍ୟ | ସାମାଜିକ ସ୍ତରରେ ନିର୍ମିତ ବୋଲିବିଚାର କରାଯାଇଥାଏ ।<br>• ଅନେକ ଗୁଡିଏ ସଠିକ୍ ଉତ୍ତର | • ସବୁ ଜ୍ଞାନ ପରସ୍ପର ସହିତ ସଂଯୁକ୍ତ ଏବଂ ପରସ୍ପର ଉପରେ ନିର୍ଭରଶୀଳ ।<br>• ଅନେକ ଗୁଡିଏ ସଠିକ୍ ଉତ୍ତର ।<br>• ଜ୍ଞାନ ଅନିର୍ଣ୍ଣିତ ତଥା ଭ୍ରମାତ୍ମକ । |
| ବିଷୟଗୁଡିକର ଭୂମିକା | • ବିଷୟଗୁଡିକର ପଦ୍ଧତିଗୁଡିକୁ ଅଧିକ ମହତ୍ତ୍ୱପୂର୍ଣ୍ଣ ବିଚ୍ଛାର କରାଯାଏ ।<br>• ବିଷୟର ସ୍ୱଷ୍ଟ କୌଶଳ ଓ ଧାରଣାଗୁଡିକୁ ଶିକ୍ଷା ଦିଆଯାଏ । | • ଅର୍ନ୍ତବିଷୟୀ କୌଶଳ ଓ ଧାରଣାଗୁଡିକ ଉପରେ ଗୁରୁତ୍ୱ ଦିଆଯାଏ । | • ଯଦି ଇଚ୍ଛା ହେଲେ ବିଷୟଗୁଡିକୁ ଚିହ୍ନଟ କରାଯାଏ, କିନ୍ତୁ ବାସ୍ତବ ଜିବନ ସନ୍ଦର୍ଭ ଉପରେ ଗୁରୁତ୍ୱ ଦିଆଯାଏ । |
| ଶିକ୍ଷକଙ୍କର ଭୂମିକା | • ସହାୟକ<br>• ବିଶେଷଜ୍ଞ | • ସହାୟକ<br>• ବିଶେଷଜ୍ଞ ସାଧାରଣ ଜ୍ଞାନ | • ସହ- ଆୟୋଜକ<br>• ସହ-ଶିକ୍ଷାର୍ଥୀ |
| ପ୍ରାରମ୍ଭ ସ୍ଥାନ | • ବିଷୟର ମାନକ ପଦ୍ଧତି | • ଅର୍ନ୍ତବିଷୟୀ ସେତୁ<br>• ଜାଣ / ଶିଖ / ହୁଅ | • ବିଦ୍ୟାର୍ଥୀଙ୍କ ପ୍ରଶ୍ନ ଓ ଆବଶ୍ୟକତା<br>• ବାସ୍ତବ ଜଗତ ପ୍ରସଙ୍ଗ |
| ଏକୀକରଣର ପରିମାଣ | • ମାଧ୍ୟମ | • ମାଧ୍ୟମ / ତୀବ୍ର | • ଦୃଷ୍ଟାନ୍ତମୂଳକ ପରିବର୍ତ୍ତନ |
| ମୂଲ୍ୟାଙ୍କନ | • ବିଷୟ ଭିତ୍ତିକ | • ଅର୍ନ୍ତବିଷୟୀ କୌଶଳ / ଧାରଣାଗୁଡିକ ଉପରେ ଗୁରୁତ୍ୱ | • ଅର୍ନ୍ତବିଷୟୀ କୌଶଳ / ଧାରଣାଗୁଡିକ ଉପରେ ଗୁରୁତ୍ୱ |

(ଉତ୍ସ: ଡ୍ରେକ୍ ଆଣ୍ଡ୍ ବର୍ଣ୍ଣସ୍ (୨୦୦୪)

ଅଭ୍ୟାସ ୨: ବହୁବିଷୟୀ ତଥା ବର୍ହିବିଷୟୀ ସମନ୍ୱୟ ମଧ୍ୟରେ ଥିବା ଅନ୍ତତଃ ଦୁଇଗୋଟି ପାର୍ଥକ୍ୟ ସମ୍ବନ୍ଧରେ ଲେଖ ।





## ୯.୪ ସମନ୍ୱିତ ଶିକ୍ଷାଦାନ/ ଶିକ୍ଷଣ ପାଇଁ ଯୋଜନା ପ୍ରସ୍ତୁତି

ପାଠ ଯୋଜନା ତଥା ଏକକ ଯୋଜନା ସମ୍ବନ୍ଧରେ ବ୍ଲକ୍- ୨ର ୟୁନିଟ୍/ ଏକକ- ୮ରେ ବ୍ୟାପକ ଭାବରେ ଆଲୋଚନା କରାଯାଇଛି । ଏହି ବିଭାଗରେ ବିଷୟ କ୍ଷେତ୍ର ଭିତରେ, ବିଷୟ କ୍ଷେତ୍ରଗୁଡ଼ିକ ମଧ୍ୟରେ ଏବଂ ବିଷୟ କ୍ଷେତ୍ରଗୁଡ଼ିକ ବାହାରେ ସମନ୍ୱୟ ଯୋଜନା ସମ୍ବନ୍ଧରେ ଆଲୋଚନା କରିବା ।

## ୯.୪.୧ ବିଷୟ କ୍ଷେତ୍ର ଭିତରେ ସମନ୍ୱୟ

କୌଣସି ଏକ ପାଠକୁ ଶ୍ରେଣୀଗୃହରେ ପଢ଼ାଇବା ସମୟରେ ଆପଣ କେବେ ସେହି ପାଠ ସହିତ ସମ୍ବନ୍ଧିତ ବିଭିନ୍ନ ଅବଧାରଣାଗୁଡ଼ିକୁ ଯୋଡ଼ିବା ବା ସମନ୍ୱିତ କରିବା ସମ୍ପର୍କରେ ଚିନ୍ତା କରିଛନ୍ତି କି ? ସାଧାରଣତଃ ଆମ୍ଭେମାନେ ଗୋଟିଏ ବିଷୟ ଭିତରେ ସମନ୍ୱୟ ସମ୍ଭାବନାଗୁଡ଼ିକ ସମ୍ବନ୍ଧରେ ଚିନ୍ତା କରି ନଥାଉ ଏବଂ ଆମ୍ଭେମାନେ ବହିରେ ଦିଆ ଯାଇଥିବା ଧାରଣାଗୁଡ଼ିକୁ କ୍ରମାନ୍ୱୟରେ ପଢ଼ାଇ ଥାଉ । ମନେକର ଆପଣ ଷଷ୍ଠ ଶ୍ରେଣୀର ବିଦ୍ୟାର୍ଥୀମାନଙ୍କୁ ବିଜ୍ଞାନ ବିଷୟର 'ସଜୀବ ଏବଂ ନିର୍ଜୀବ' ପାଠ ପଢ଼ାଉଛନ୍ତି । ଏହି ପାଠ ସହିତ ବହୁତଗୁଡ଼ିଏ ଧାରଣା ଯୋଡ଼ିହୋଇ ରହିଛି ଯେପରି- ପ୍ରଜନନ, ଗତିଶୀଳତା, ଖାଦ୍ୟ ଏବଂ ହଜମ କ୍ରିୟା ଇତ୍ୟାଦି ଭିତ୍ତିରେ ସଜୀବ ଏବଂ ନିର୍ଜୀବ ମଧ୍ୟରେ ରହିଥିବା ପାର୍ଥକ୍ୟ ତଥା ଅନ୍ୟାନ୍ୟ ଧାରଣା ଯଥା ବିଭିନ୍ନ ପ୍ରକାରର ସଜୀବମାନଙ୍କ ମଧ୍ୟରେ ରହିଥିବା ପରିସ୍ଥିତିକ ସନ୍ତୁଳନ, ପ୍ରାକୃତିକ ସମ୍ପଦ ହ୍ରାସ ଏବଂ ସଂରକ୍ଷଣ ଯାହା ସଜୀବମାନଙ୍କର ଜନସଂଖ୍ୟାର ବୃଦ୍ଧି ଇତ୍ୟାଦି ସହିତ ସଂଶ୍ଳିଷ୍ଟ । ଆପଣ ଲକ୍ଷ୍ୟ କରିପାରିବେ ଯେ ଗୋଟିଏ ପାଠ ଶିକ୍ଷଣର ଉଦ୍ଦେଶ୍ୟ, ସମାନ ବିଷୟବସ୍ତୁ ଥିବା ସେହି ପାଠର ଅନ୍ୟ ବିଷୟ ଶିକ୍ଷଣ ଉଦ୍ଦେଶ୍ୟ ସହିତ ସମ୍ପର୍କ ଥାଇପାରେ । ଯଦି ଏହିପରି ସମ୍ପର୍କ ଥିବା ଅବଧାରଣାଗୁଡ଼ିକୁ ଏକାଠି କରି ଦିଆଯାଏ, ତା'ହେଲେ ବିଦ୍ୟାର୍ଥୀମାନେ ଶ୍ରେଣୀଗୃହରେ ଆଲୋଚନା କରାଯାଉଥିବା ସେହି ପ୍ରସଙ୍ଗ ବା ପାଠ ସମ୍ବନ୍ଧରେ ସାମଗ୍ରୀକ ଅର୍ଥପୂର୍ଣ୍ଣ ଶିକ୍ଷାଲାଭ କରି ପାରିବେ । ଗୋଟିଏ ବିଷୟ ଭିତରେ ଥିବା ଦକ୍ଷତାକୁ ପରସ୍ପର ସହିତ ଯୋଡ଼ିବା ଦ୍ୱାରା ପୂର୍ଣ୍ଣ ତଥା ଅର୍ଥପୂର୍ଣ୍ଣ ଶିକ୍ଷା ମିଳିଥାଏ ଏବଂ ଶିକ୍ଷା ଗ୍ରହଣ କରିବା ସମୟରେ ଗୋଟିଏ କଥାକୁ ବାରମ୍ବାର କହିବା ଏଡ଼ାଇ ଦିଆଯାଇ ପାରିଥାଏ ।

ଗୋଟିଏ ବିଷୟ ଭିତରେ ସମନ୍ୱିତ କରିବା ପାଇଁ ପାଠ- ଯୋଜନା ପ୍ରସ୍ତୁତ କରିବା ସମୟରେ ନିମ୍ନଲିଖିତ ପଦକ୍ଷେପଗୁଡ଼ିକ ଉପରେ ଦୃଷ୍ଟି ଦେବା ପ୍ରତି ବିଚାର କରାଯାଇପାରେ:

- ପ୍ରତ୍ୟେକ ବିଷୟ କ୍ଷେତ୍ରରେ ଶିକ୍ଷାଗ୍ରହଣର ବିଶେଷ ପ୍ରକୃତି ସମ୍ପର୍କରେ ନିଶ୍ଚିତ ହେବା ।
- ନିର୍ଦ୍ଦିଷ୍ଟ ବିଷୟ କ୍ଷେତ୍ରର ଭିତରେ ଥିବା ପ୍ରତ୍ୟେକ ପାଠ ସମ୍ବନ୍ଧିତ ଦକ୍ଷତାଗୁଡ଼ିକୁ ନିର୍ଦ୍ଧାରିତ କରିବା ।
- ଯେଉଁ ପାଠ ପଢ଼ାଇବାକୁ ଯୋଜନା ପ୍ରସ୍ତୁତ କରାଯାଉଛି, ସେହି ପାଠ ସହିତ ସମ୍ବନ୍ଧିତ ଜ୍ଞାନ ତଥା ଦକ୍ଷତା / କୌଶଳଗୁଡ଼ିକର ଚିହ୍ନଟ କରିବା ।

ଟିପ୍ପଣୀ

- ଯେତେଦୂର ସମ୍ଭବ ପାଠ ପଢ଼ାଇବା ପାଇଁ ସେହିସବୁ ଶିକ୍ଷଣ ଅନୁଭବଗୁଡ଼ିକର ଯୋଜନା ପ୍ରସ୍ତୁତ କରାଯିବ ଯାହାର ସମ୍ବନ୍ଧ ବିଦ୍ୟାର୍ଥୀମାନଙ୍କର ବାସ୍ତବ ଜୀବନର ଅନୁଭବ ସହିତ ରହିଥିବ ।

ଉଦାହରଣ ସ୍ୱରୂପ ଦ୍ୱିତୀୟ ଶ୍ରେଣୀରେ 'ପରିବେଶ ଅଧ୍ୟୟନ' କାଳରେ ଧାରଣାଗୁଡ଼ିକର ସମନ୍ୱୟ ନିମନ୍ତେ ସୂଚନା ପ୍ରଦାନ କରିବା ପାଇଁ ନିମ୍ନଲିଖିତ ପଦକ୍ଷେପ ଏବଂ ପ୍ରକ୍ରିୟାଗୁଡ଼ିକ ଟେବୁଲ ୯.୨ରେ ପ୍ରଦାନ କରାଯାଇଛି । ଯୋଜନାଟି ସମନ୍ୱିତ ଶିକ୍ଷାଦାନର ଏକ ସରଳ ଉଦାହରଣ । ସମନ୍ୱୟର ଉଦ୍ଦେଶ୍ୟକୁ ବଜାୟ ରଖି ଆପଣ ଆପଣଙ୍କର ଯୋଜନାଗୁଡ଼ିକୁ ଆବଶ୍ୟକତା ଅନୁସାରେ ପ୍ରସ୍ତୁତ କରିବେ ଯଦ୍ୱାରା ବାଞ୍ଛିତ କରାଯାଉଥିବା ଦକ୍ଷତାଗୁଡ଼ିକ ହାସଲ ହୋଇପାରିବ ।

ଟେବୁଲ ୯.୨ ଦ୍ୱିତୀୟ ଶ୍ରେଣୀ ପରିବେଶ ଅଧ୍ୟୟନରେ ଏକୀକରଣ

| ପ୍ରସଙ୍ଗ | ଦକ୍ଷତା ସମୂହ | ଦକ୍ଷତାଗୁଡ଼ିକୁ ସମନ୍ୱୟ ଏକୀକରଣ କରିବାର ପ୍ରକ୍ରିୟା |
|---|---|---|
| 'ଗ୍ରାମର ଉତ୍ସବ' (ପଡ଼ୋଶୀମାନଙ୍କ ସହିତ ମୋ ପରିବାରର ସମନ୍ୱୟ ରକ୍ଷା) | • ପରିବାରର ବିଭିନ୍ନ ସଦସ୍ୟମାନଙ୍କ କାର୍ଯ୍ୟ ଚିହ୍ନଟ<br>• ପରିବାରକୁ ସାହାଯ୍ୟ କରିବାପାଇଁ ବିଦ୍ୟାର୍ଥୀମାନଙ୍କ କାର୍ଯ୍ୟ<br>• ପାଖ ପଡ଼ୋଶୀଙ୍କ ଗୁରୁତ୍ୱକୁ ଚିହ୍ନଟ କରିବା<br>• ବିଭିନ୍ନ ସାମାଜିକ ସଂଗଠନକୁ ଜାଣିବା | • ଗ୍ରାମର ଉତ୍ସବରେ ତୁମେ କ'ଣ କ'ଣ ଦେଖ ?<br>• କାର୍ଯ୍ୟଗୁଡ଼ିକ କିଏ ସଂଗଠନ କିଏ କରେ ?<br>• ଉତ୍ସବ ସମୟରେ ଗ୍ରାମର ସବୁ ଲୋକ ସମାନ କାମ କରିଥାନ୍ତି କି ?<br>• ପରିବାରର ସଦସ୍ୟମାନଙ୍କ ନାମ ଏବଂ ଦିନବେଳେ ସେମାନେ କ'ଣ କରନ୍ତି କୁହ ।<br>• ସେମାନେ ସମସ୍ତେ ଏକା କାମ କରନ୍ତି ନା ଅଲଗା ଅଲଗା କାମ କରନ୍ତି ? ଯଦି ଅଲଗା ଅଲଗା କାମ କରନ୍ତି, ତା'ହେଲେ କିଏ କି କାମ କରନ୍ତି ?<br>• ତୁମେ ନିଜେ ଘରେ କି କାମ କର ?<br>• ତୁମ କାମରେ କିଏ ତୁମକୁ ସାହାଯ୍ୟ କରନ୍ତି ?<br>• ଘରେ ଅନ୍ୟମାନଙ୍କୁ ତୁମେ କିପରି ସାହାଯ୍ୟ କର ?<br>• ନିଜ ପରିବାର ବାହାରୁ ମିଳୁଥିବା ସାହାଯ୍ୟ ସମ୍ପର୍କରେ ବର୍ଣ୍ଣନା କର ।<br>• ସେହିସବୁ ବ୍ୟକ୍ତି, ସ୍ଥାନ ବା ସଂସ୍ଥାଗୁଡ଼ିକର ନାମ କୁହ ଯେଉଁଠାରୁ ତୁମକୁ ସାହାଯ୍ୟ ମିଳିଥାଏ ।<br>• ତୁମେ ଦେଖିଥିବା ବଜାର, ହାସପାତାଳ, ଡାକଘର ଆଦି ସ୍ଥାନଗୁଡ଼ିକ ବିଷୟରେ ଦଳଗତ ଭାବରେ ଆଲୋଚନା କର ।<br>• ଗୋଟିଏ ଗୋଟିଏ ଦଳ ତିଆରି କରି ସେହିସବୁ ଦଳଗୁଡ଼ିକ ଦ୍ୱାରା ବିଭିନ୍ନ ସ୍ଥାନ ଓ ସଂଗଠନଗୁଡ଼ିକର ବିଷୟରେ ଆଲୋଚନା କର । |

**କାର୍ଯ୍ୟ- ୧**

ପଂଚମ ଶ୍ରେଣୀର ବିଦ୍ୟାର୍ଥୀମାନଙ୍କୁ ଗଣିତ ବିଷୟର 'ଲାଭ ଓ କ୍ଷତି' ପାଠ ପଢ଼ାଇବା ନିମନ୍ତେ କୌଶଳଗୁଡ଼ିକର ସମନ୍ୱୟ ପାଇଁ ଯୋଜନା ପ୍ରସ୍ତୁତ କରନ୍ତୁ ।

## ୯.୪.୨ ବିଭିନ୍ନ ବିଷୟ- କ୍ଷେତ୍ରରେ ସମନ୍ୱୟ (ବହୁବିଷୟୀ ସମନ୍ୱୟ)

ଆପଣମାନେ ଏଥିରେ ସହମତ ହେବେ ଯେ ପ୍ରତ୍ୟେକ ଶ୍ରେଣୀରେ ପ୍ରତ୍ୟେକ ବିଷୟକୁ ଏକ ଭିନ୍ନ ଏବଂ ନିର୍ଦ୍ଦିଷ୍ଟ ପ୍ରଣାଳୀଦ୍ୱାରା ପଢ଼ାଯାଏ ଯାହା ସେହି ବିଷୟର ପଠିତ ଅନୁରୂପ ହୋଇଥିବା ଧରି ନିଆଯାଇଥାଏ । ଉଦାହରଣ ସ୍ୱରୂପ, ଗଣିତ ପଢ଼ାଇବା ସମୟରେ ଆରୋହଣ ପଦ୍ଧତିର ପ୍ରୟୋଗ, ଇତିହାସ ପଢ଼ାଇବା ସମୟରେ କାହାଣୀ କହିବା ଏବଂ ବିଜ୍ଞାନ ଓ ପରିବେଶ ବିଜ୍ଞାନ ପର୍ଯ୍ୟବେକ୍ଷଣ ପଢ଼ାଇବା ସମୟରେ ପ୍ରକୃତି ବ୍ୟବହାର କରାଯାଇଥାଏ । ତେବେ ପ୍ରାଥମିକ ସ୍ତରର ବିଦ୍ୟାର୍ଥୀମାନଙ୍କୁ ଗଣିତ ପଢ଼ାଇବା ସମୟରେ ଶିକ୍ଷାଦାନକୁ ଅଧିକ ମଜାଦାର କରିବା ପାଇଁ କାହାଣୀ କହିବାର ପଦ୍ଧତି ଅନୁସୃତ କରାଯାଇ ପାରିବ ବୋଲି ତୁମେ ଭାବୁଛ କି?

ବିଭିନ୍ନ ପଦ୍ଧତି ନମନୀୟ ଭାବେ ବ୍ୟବହାର କରିବା କେବଳ ବିଦ୍ୟାର୍ଥୀମାନଙ୍କ ପାଇଁ ଚିତ୍ତାକର୍ଷକ ମଜାଦାର ଶୈଳୀରେ ପଢ଼ାଇବାରେ ଆପଣଙ୍କୁ ସାହାଯ୍ୟ କରି ନଥାଏ, ଏହା ମଧ୍ୟ ବିଭିନ୍ନ ବିଷୟକୁ ଅର୍ଥପୂର୍ଣ୍ଣ ଭାବରେ ଏକତ୍ରିତ କରାଇବାରେ ସହାୟକ ହୋଇଥାଏ । ବିଭିନ୍ନ ବିଷୟରେ ସେଗୁଡ଼ିକର ଦକ୍ଷତା ଓ ଶିକ୍ଷଣ ଫଳାଫଳ  କେତେକ ସମ୍ପର୍କ ରହିଥାଏ । ଏକ ନିର୍ଦ୍ଦିଷ୍ଟ ଶ୍ରେଣୀରେ ଶିକ୍ଷାଦାନକୁ ପ୍ରଭାବଶାଳୀ କରିବା ତଥା ପୁନରାବୃତ୍ତିକୁ ଏଡ଼ାଇବା ପାଇଁ ଆପଣ ବିଭିନ୍ନ ବିଷୟବସ୍ତୁର ପାଠଗୁଡ଼ିକ ମଧ୍ୟରେ ସଂଯୋଗ ସ୍ଥାପନ କରିବାର ଆବଶ୍ୟକତା ରହିଛି । ଏକ ସମନ୍ୱିତ ପାଠ ଯୋଜନା ପାଇଁ ଆମ୍ଭେମାନେ କେତେଗୁଡ଼ିଏ କୌଶଳ ସମ୍ବନ୍ଧରେ ଆଲୋଚନା କରିବା ଯେଉଁଥିରେ ନିମ୍ନଲିଖିତ କଥାଗୁଡ଼ିକୁ ବିଚାର କରାଯାଇପାରେ ।

- ବିଷୟ ନିର୍ଦ୍ଦିଷ୍ଟ ଶିକ୍ଷଣ ଫଳାଫଳକୁ ଦୃଷ୍ଟିରେ ରଖି ଏକରୁ ଅଧିକ ବିଷୟର ପ୍ରସଙ୍ଗ, ମୁଖ୍ୟ ବିଷୟବସ୍ତୁ (ଥିମ୍), ସମସ୍ୟା ବା ମୁଖ୍ୟ ଧାରଣା ଏବଂ ଶିକ୍ଷଣ ଫଳାଫଳକୁ ଏକତ୍ର ଯୋଡ଼ିବା ।
- ଜ୍ଞାନ ଓ ଦକ୍ଷତାଗୁଡ଼ିକୁ ଗୋଟିଏ ବିଷୟ ରେ ଶିକ୍ଷାଲାଭ କରାଯାଇଥାଏ, କିନ୍ତୁ ବେଳେବେଳେ ଏହା ବିଭିନ୍ନ ପାଠ, ମୁଖ୍ୟ ବିଷୟବସ୍ତୁ , ପ୍ରସଙ୍ଗ ବା ମୁଖ୍ୟ ଧାରଣା ସହିତ ମଧ୍ୟ ସମ୍ପର୍କ ହୋଇଥାଏ ।
- ପ୍ରତ୍ୟେକ ବିଷୟରେ ଶିକ୍ଷଣର ଉଦ୍ଦିଷ୍ଟ ପ୍ରକୃତି ସବଂ ଫଳପ୍ରଦ ପଦ୍ଧତି ନିର୍ଣ୍ଣୟକରେ ।
- ଶିକ୍ଷଣ ତଥା ଶିକ୍ଷାଦାନକୁ ସମନ୍ୱିତ କରିବା ସହିତ ବିଭିନ୍ନ ବିଷୟର ଧାରଣାଗୁଡ଼ିକୁ ସମ୍ମିଳିତ କରିବାର ସମ୍ଭାବନାଗୁଡ଼ିକୁ ପରୀକ୍ଷା କର ।

ଟିପ୍ପଣୀ

- ବିଦ୍ୟାର୍ଥୀମାନଙ୍କୁ ବିଭିନ୍ନ ବିଷୟ ମଧ୍ୟରେ ଥିବା ସମ୍ବନ୍ଧଗୁଡ଼ିକୁ ବୁଝିବା ପାଇଁ ମାର୍ଗଦର୍ଶନ କରାଯିବ ।

ଉଦାହରଣ ସ୍ୱରୂପ ଟେବୁଲ ୯.୩ରେ ଦ୍ୱିତୀୟ ଶ୍ରେଣୀ ପାଇଁ ଭାଷା, ପରିବେଶ- ଅଧ୍ୟୟନ ତଥା ଗଣିତର ସମନ୍ୱୟ କରିବାର ଯୋଜନାକୁ ଲକ୍ଷ୍ୟ କରନ୍ତୁ:

**ଟେବୁଲ ୯.୩ ଭାଷା, ପରିବେଶ- ଅଧ୍ୟୟନ ଏବଂ ଗଣିତର ଅବଧାରଣାଗୁଡ଼ିକର ସମନ୍ୱୟ**

| ପାଠ | ଦକ୍ଷତା ଭାଷା: | ବିଭିନ୍ନ ବିଷୟକୁ ଏକତ୍ରୀକରଣ କରିବାର ପ୍ରକ୍ରିୟା |
|---|---|---|
| 'ଆରୁଣି' କାହାଣୀ | • ଶୁଦ୍ଧ ଉଚ୍ଚାରଣ କରି କାହାଣୀକୁ ପଢ଼ିବା ।<br>• ଉତ୍ତର ପାଇବା ପାଇଁ ପ୍ରଶ୍ନ ତିଆରି କରିବା ।<br>• ଚିତ୍ର ଦେଖି କାହାଣୀକୁ ବର୍ଣ୍ଣନା କରିବା | • ବିଦ୍ୟାର୍ଥୀମାନଙ୍କୁ ବୃତ୍ତାକାରରେ ବସାଇ କାହାଣୀ କହିବାର ଉପଯୁକ୍ତ ଶୈଳୀ ଅନୁସରଣ କରି କାହାଣୀଟି କୁହନ୍ତୁ ।<br>• ବିଦ୍ୟାର୍ଥୀମାନଙ୍କର ଛୋଟ ଛୋଟ ଦଳ ତିଆରି କରି ସେମାନଙ୍କୁ ପ୍ରଶ୍ନ ତିଆରି କରିବା, ପରସ୍ପର ସହିତ ଭାବର ଆଦାନ ପ୍ରଦାନ କରିବା ତଥା ପ୍ରଶ୍ନରେ ସଂଶୋଧନ କରିବା ପାଇଁ କୁହନ୍ତୁ ।<br>• ଚିତ୍ରଗୁଡ଼ିକୁ କ୍ରମାନ୍ୱୟରେ ସଜାଇ କାହାଣୀ କହିବାକୁ କୁହନ୍ତୁ (କାହାଣୀ ଅନୁରୂପ ଚିତ୍ରଗୁଡ଼ିକୁ ପ୍ରଦାନ କରନ୍ତୁ) ।<br>• ବିଦ୍ୟାର୍ଥୀମାନଙ୍କୁ ବର୍ଷା ଋତୁ ବିଷୟରେ ସେମାନଙ୍କର ଅନୁଭବ ବର୍ଣ୍ଣନା କରିବାକୁ କୁହନ୍ତୁ । |
| | **ପରିବେଶ- ଶିକ୍ଷା:** | **ବିଦ୍ୟାର୍ଥୀମାନଙ୍କୁ କୁହନ୍ତୁ:** |
| | • ବିଭିନ୍ନ ଋତୁ ବିଶେଷକରି ବର୍ଷା ଋତୁ ବିଷୟରେ ବର୍ଣ୍ଣନା କର ।<br>• ବର୍ଷା ଋତୁରେ ଚାଷ କରାଯାଉଥିବା ଫସଲଗୁଡ଼ିକ ନାମ କୁହ ।<br>• ଚାଷ ପାଇଁ ବ୍ୟବହାର କରାଯାଉଥିବା ଉପକରଣଗୁଡ଼ିକର ନାମ କୁହ ।<br>• ମାଟି ତଳେ ଥିବା ଜଳ ଏବଂ ବର୍ଷା ଜଳ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।<br>• ଜଳ ପ୍ରଦୂଷଣର କାରଣଗୁଡ଼ିକ ଏବଂ ବର୍ଷା ଋତୁରେ ହେଉଥିବା ସାଧାରଣ ରୋଗଗୁଡ଼ିକ ବିଷୟରେ କୁହ । | • ବର୍ଷା ଋତୁରେ ଚାଷ କରାଯାଉଥିବା ଫସଲଗୁଡ଼ିକ ସମ୍ବନ୍ଧରେ ବର୍ଣ୍ଣନା କରିବେ ।<br>• ଫସଲ ଚାଷ କରିବା ପାଇଁ ବ୍ୟବହାର କରାଯାଉଥିବା ଯନ୍ତ୍ରଗୁଡ଼ିକର (ପାରମ୍ପରିକ ତଥା ଆଧୁନିକ) ଏକ ତାଲିକା ପ୍ରସ୍ତୁତ କରିବେ ।<br>• ମାଟି ତଳେ ଥିବା ଜଳ ଏବଂ ବର୍ଷା ଜଳର ଗୁଣ ଭିତରେ ଥିବା ପାର୍ଥକ୍ୟଗୁଡ଼ିକୁ ବର୍ଣ୍ଣନା କରିବେ ।<br>• ବର୍ଷା ଜଳ ପ୍ରଦୂଷଣ ଏବଂ ସାଧାରଣ ରୋଗଗୁଡ଼ିକ ସମ୍ବନ୍ଧରେ ଆଲୋଚନା କର । |



ଟିପ୍ପଣୀ

| | ଗଣିତ : | ବିଦ୍ୟାର୍ଥୀମାନଙ୍କୁ କୁହନ୍ତୁ: |
|---|---|---|
| | • ଫସଲ କ୍ଷେତର ଜ୍ୟାମିତିକ ଆକାର ।<br>• ଜଳର ମାପକ (ଅଣମାନକ ଏକକ) ଯଥା -ପାତ୍ର ।<br>• ବସ୍ତୁଦ୍ୱାରା ବିୟୋଗ କରିବା । | • ଫସଲକ୍ଷେତ ସହିତ ସମ୍ପର୍କିତ ଏକ ଜ୍ୟାମିତିକ କ୍ଷେତ୍ର ସମ୍ପର୍କରେ ଆଲୋଚନା କର ।<br>• ଜଳର ବିଭିନ୍ନ ମାପକ (ଉଭୟ ମାନକ ତଥା ଅମାନକ) ସମ୍ବନ୍ଧରେ ଆଲୋଚନା କର ।<br>• ବିଭିନ୍ନ ଆକାରର ଫସଲ କ୍ଷେତ୍ରର ମୁକ୍ତ ହସ୍ତ ନକ୍ସା ତିଆରି କରନ୍ତୁ ।<br>• ସ୍ଥାନୀୟ ଅଂଚଳରେ ବ୍ୟବହାର କରାଯାଉଥିବା ବିଭିନ୍ନ ପ୍ରକାରର ଅମାନକ ମାପକଗୁଡ଼ିକର ତାଲିକା ପ୍ରସ୍ତୁତ କରନ୍ତୁ । |

ସମନ୍ୱିତ ଯୋଜନା ଅଧିକ ପ୍ରଭାବଶାଳୀ ହୋଇ ପାରିବ ଯଦି କାର୍ଯ୍ୟକଳାପ ଆଧାରିତ ଆଭିମୁଖ୍ୟ ଯାହା ପୂର୍ବରୁ ଏକକ/ (ୟୁନିଟ୍- ୪)ର ବ୍ଲକ୍- ୧ରେ ବ୍ୟବହାର କରାଯାଇଛି, ତାକୁ ଶିକ୍ଷାଦାନ ସମୟରେ ଆବଶ୍ୟକୀୟ ଦକ୍ଷତାଗୁଡ଼ିକୁ ଦୃଷ୍ଟିରେ ରଖି ପ୍ରୟୋଗ କରାଯାଏ ।

## ୯.୪.୩ ଏକାଧିକ ବିଷୟ ମଧ୍ୟରେ ସମନ୍ୱୟ(ବିଭିନ୍ନ ବିଷୟ ମଧ୍ୟରେ ସମନ୍ୱୟ)

ଏକାଧିକ ବିଷୟ ମଧ୍ୟରେ ସମନ୍ୱୟ କେତେକାଂଶରେ ବହୁବିଷୟୀ ସମନ୍ୱୟ ସହିତ ସମାନ । ବହୁର୍ବିଷୟୀ ସମନ୍ୱୟରେ ବିଭିନ୍ନ ବିଷୟ ମଧ୍ୟରେ ରହିଥିବା ସମ୍ପର୍କକୁ ଖୋଜାଯାଇ ତାକୁ ସମନ୍ୱିତ ଯୋଜନା ପାଇଁ ଯୋଡ଼ାଯାଏ । କିନ୍ତୁ ବିଭିନ୍ନ ବିଷୟ ମଧ୍ୟରେ ସମନ୍ୱୟ କ୍ଷେତ୍ରରେ ବିଭିନ୍ନ ବିଷୟରୁ ପରସ୍ପର ଉପରେ ନିର୍ଭରଶୀଳ ବା ସାଧାରଣ ଜ୍ଞାନ ଓ ଦକ୍ଷତାକୁ ଚିହ୍ନଟ କରାଯାଏ ଏବଂ ଯୋଜନା ଏବଂ ଶିକ୍ଷାଦାନ ନିମନ୍ତେ ସମନ୍ୱିତ କରାଯାଏ । ବିଭିନ୍ନ ବିଷୟ ମଧ୍ୟରେ ସମନ୍ୱୟ ନିମନ୍ତେ ନିମ୍ନଲିଖିତ ପଦକ୍ଷେପଗୁଡ଼ିକୁ ଅନୁସରଣ କରାଯାଇପାରେ:

- ପ୍ରସଙ୍ଗ, ସାରାଂଶ (ଥିମ୍), ସମସ୍ୟା ବା ମୁଖ୍ୟ ବିଚାର ଏବଂ ଶିକ୍ଷଣ ଫଳାଫଳଗୁଡ଼ିକୁ ଏକାଧିକ ବିଷୟ କ୍ଷେତ୍ରରୁ ଖୋଜାଯାଏ ।
- ସାଧାରଣ ଶିକ୍ଷାର ଫଳାଫଳଗୁଡ଼ିକୁ ଚିହ୍ନଟ କରାଯାଏ ।
- ତତ୍କାଳିକ ପାଠ ବାହାରୁ ମଧ୍ୟ ଜ୍ଞାନ ଓ ଦକ୍ଷତା ଶିକ୍ଷାଲାଭ କରାଯାଏ ।
- ଶିକ୍ଷାଦାନର ସମନ୍ୱିତ ଆଭିମୁଖ୍ୟ ଜରିଆରେ ବିଦ୍ୟାର୍ଥୀମାନଙ୍କୁ ପାଠ୍ୟକ୍ରମ ଜ୍ଞାନ ଏବଂ ଦକ୍ଷତା ହାସଲ କରିବା ନିମନ୍ତେ ମାର୍ଗଦର୍ଶନ କରାଯାଏ ।

ଏକାଧିକ ବିଷୟ ମଧ୍ୟରେ ସମନ୍ୱୟ କରିବାର ପ୍ରକ୍ରିୟାରେ ଏକ କେନ୍ଦ୍ରୀୟ/ ବିଶେଷ କୌଶଳ/ ଦକ୍ଷତାକୁ ସୁଦୃଢ଼ କରିବା ନିମନ୍ତେ ବିଭିନ୍ନ ବିଷୟ ସହିତ ଯୋଡ଼ାଯାଏ । ଏପରି ସମନ୍ୱୟ ଶିକ୍ଷା ଗ୍ରହଣର ଫଳାଫଳ/ ଦକ୍ଷତାଗୁଡ଼ିକ ଏକ କେନ୍ଦ୍ର ମୂଳ ତିଆରି କରିଥାଏ ଯାହାର ଚାରିପଟରେ ବିଭିନ୍ନ ବିଷୟର ଉପଯୁକ୍ତ ଧାରଣାଗୁଡ଼ିକୁ ସ୍ୱାଭାବିକ ଭାବରେ ଏହାକୁ ମଜବୁତ କରିବା ପାଇଁ ସଂଯୋଜିତ

କରାଯାଏ ଏବଂ ଯେତେଦୂର ସମ୍ଭବ ଏହି କାର୍ଯ୍ୟରେ ବିଦ୍ୟାର୍ଥୀମାନଙ୍କର ବାସ୍ତବିକ ଜୀବନର ଅନୁଭୂତିକୁ ଯୋଡ଼ା ଯାଇଥାଏ ।

ଚିତ୍ର ୯.୩ ରେ ଏକାଧିକ ବିଷୟ ମଧ୍ୟରେ ସମନ୍ୱୟକୁ ଉପସ୍ଥାପିତନ କରାଯାଇଛି:




ଚିତ୍ର ୯.୩; **ବିଭିନ୍ନ ବିଷୟ କ୍ଷେତ୍ରରେ ଦକ୍ଷତାଗୁଡ଼ିକର ସଂଖ୍ୟାତ୍ମକ କୌଶଳ**

ଦେଖନ୍ତୁ ପାଠ୍ୟ ଯୋଜନା ପଦ୍ଧତିରେ ବିଭିନ୍ନ ବିଷୟର ସମନ୍ୱୟ, ବହୁବିଷୟ ସମନ୍ୱୟ ଯୋଜନା ପଦ୍ଧତି ସହ ସମାନ ।

## ୯.୪.୪ ବହିଁବିଷୟୀ ସମନ୍ୱୟ (ବିଷୟ କ୍ଷେତ୍ର ବାହାରେ)

ବିଦ୍ୟାଳୟ ତଥା ଶ୍ରେଣୀଗୃହରେ ପ୍ରଦାନ କରାଯାଉଥିବା ପ୍ରାୟ ସବୁ ପ୍ରକାରର ଶିକ୍ଷଣ ଅଭିଜ୍ଞତା ପାଠ୍ୟକ୍ରମ ବିଷୟ ତଥା ସେଥି ସହିତ ସମ୍ବନ୍ଧିତ ପାଠ୍ୟ ପୁସ୍ତକ ଉପରେ ଆଧାରିତ ହୋଇଥାଏ । କିନ୍ତୁ ଆମେ ସମସ୍ତେ ଜାଣୁ ଯେ ବିଦ୍ୟାଳୟ ତଥା ବିଦ୍ୟାଳୟ ବାହାରେ ନା କେବଳ ନିର୍ଦ୍ଧାରିତ ପାଠ୍ୟକ୍ରମର ଫଳାଫଳ ନୁହେଁ, ବରଂ ଏହାଠୁ କାହିଁ କେତେ ଗୁଣରେ ଅଧିକ ଶିକ୍ଷଣର ଅସୀମିତ କ୍ଷେତ୍ର ଉପଲବ୍ଧ ହୋଇଥାଏ । ଯଦି ଆମେ ଆମର ବିଦ୍ୟାର୍ଥୀମାନଙ୍କୁ ସେହିସବୁ ଅନୁଭୂତି ପ୍ରତି ଉନ୍ମୁଖ କରାଇ ପାରିବା, ତା'ହେଲେ ସେମାନଙ୍କର ଶିକ୍ଷଣ ଅଧିକ ସୁଦୃଢ଼ ଏବଂ ସୁସମୃଦ୍ଧ

ହୋଇ ପାରିବ । ବିଦ୍ୟାଳୟ ଶିକ୍ଷାର ବିଭିନ୍ନ ସ୍ତରରେ ବିଦ୍ୟାର୍ଥୀମାନଙ୍କ ଶିକ୍ଷଣ ପାଇଁ ସବୁ ପ୍ରକାରର ଯୋଜନା ପ୍ରସ୍ତୁତ କରିବାରେ ଏହିସବୁ ଅନୁଭୂତିକୁ ସମନ୍ୱିତ କରିବା ପାଇଁ ଅସଂଖ୍ୟ ପ୍ରକାରର ଉପାୟ ଅଛି । ଆପଣ ଏହା କିପରି କରି ପାରିବେ? ଏଥିପାଇଁ କେତେକ ପରାମର୍ଶ ପ୍ରଦାନ କରାଯାଉଛି:

- ନିଜ ନିକଟରେ ପ୍ରତ୍ୟେକ ଶ୍ରେଣୀର ପ୍ରତ୍ୟେକ ବିଷୟ ସମ୍ବନ୍ଧିତ ଦକ୍ଷତାଗୁଡ଼ିକୁ, ଶିକ୍ଷଣ ଫଳାଫଳ ଗୁଡ଼ିକୁ ପ୍ରତିଫଳକୁ ଯାହା କି ସାଧାରଣତଃ ବିଦ୍ୟାଳୟରେ ଉପଲବ୍ଧ, ତା'ର ଏକ ତାଲିକା ନିଜ ନିକଟରେ ପ୍ରସ୍ତୁତ କରି ରଖନ୍ତୁ ।
- ନିୟମିତ ସମୟର ବ୍ୟବଧାନରେ ସହ-ଶିକ୍ଷିକ କାର୍ଯ୍ୟକଳାପଗୁଡ଼ିକର ଯୋଜନା ତିଆରି କରନ୍ତୁ । ସେଥି ମଧ୍ୟରେ ସ୍ଥାନୀୟ/ ଆଂଚଳିକ ଉତ୍ସବାନୁଷ୍ଠାନଗୁଡ଼ିକରେ ଯୋଗଦାନ, ଗୁରୁତ୍ୱପୂର୍ଣ୍ଣ ସାମାଜିକ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମଗୁଡ଼ିକର ପର୍ଯ୍ୟବେକ୍ଷଣ, ସ୍ଥାନୀୟ ବଜାର ତଥା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନ/ ଅନୁଷ୍ଠାନଗୁଡ଼ିକୁ ଭ୍ରମଣ, ବିଦ୍ୟାଳୟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମଗୁଡ଼ିକର ସଂଚାଳନ, ଖେଳକୁଦ ତଥା ଅନ୍ୟାନ୍ୟ ମନୋରଂଜକ କାର୍ଯ୍ୟକ୍ରମଗୁଡ଼ିକରେ ଯୋଗଦାନ ଇତ୍ୟାଦି ଅନ୍ତର୍ଭୁକ୍ତ ।
- ବିଦ୍ୟାର୍ଥୀମାନେ ଏହିସବୁ କାର୍ଯ୍ୟକ୍ରମରେ ଯୋଗଦେବା ପୂର୍ବରୁ ବିଦ୍ୟାର୍ଥୀମାନେ ସେଥିରୁ କେଉଁ ପ୍ରକାରର କୌଶଳ/ ଦକ୍ଷତା/ ଶିକ୍ଷଣ ଫଳାଫଳ ହାସଲ କରିବେ ତା'ର ଏକ ତାଲିକା ପ୍ରସ୍ତୁତ କରନ୍ତୁ । ଏହି ତାଲିକା ସଂପୂର୍ଣ୍ଣ କରିବା ପାଇଁ ଶିକ୍ଷାର୍ଥୀ ମାନଙ୍କର ପରାମର୍ଶ ନିଆଯିବ ଏବଂ ଏଥିରେ ଏକାଧିକ ବିଷୟର ଶିକ୍ଷଣ ଫଳାଫଳ ରହିବା ଉଚିତ । ଏଠାରେ ବିଷୟ ଅପେକ୍ଷା ଦକ୍ଷତା/ କୌଶଳଗୁଡ଼ିକ ଅଧିକ ମହତ୍ୱପୂର୍ଣ୍ଣ ।
- ବିଦ୍ୟାର୍ଥୀମାନେ କାର୍ଯ୍ୟକ୍ରମଗୁଡ଼ିକରୁ ଫେରିବା ପରେ, ସେମାନଙ୍କ ସହିତ ପୂର୍ବରୁ ପ୍ରସ୍ତୁତ ଫଳାଫଳ ବ୍ୟତୀତ ସେମାନେ ସେହିସବୁ କାର୍ଯ୍ୟକ୍ରମରେ ହାସଲ କରିଥିବା ନୂଆ ଜ୍ଞାନ ବା ଅଭିଜ୍ଞତା ସମ୍ପର୍କରେ ସେମାନଙ୍କ ସହିତ ଆଲୋଚନା କରନ୍ତୁ । ଆପଣ ଦେଖିବେ ଯେ ଅଧିକାଂଶ କ୍ଷେତ୍ରରେ ବିଦ୍ୟାର୍ଥୀମାନେ ପୂର୍ବ ପ୍ରସ୍ତୁତ ପ୍ରତିଫଳ ଅପେକ୍ଷା କାହିଁ କେତେଗୁଣ ଅଧିକ ଅର୍ଜନ କରିଛନ୍ତି ।
- ଆଲୋଚନା କରି ସାରିବା ପରେ ଶିକ୍ଷାର୍ଥୀମାନଙ୍କୁ କାର୍ଯ୍ୟକ୍ରମରେ ସେମାନେ ହାସଲ କରିଥିବା ଅଭିଜ୍ଞତା ଗୁଡ଼ିକୁ ନେଇ ଏକ ସଂକ୍ଷିପ୍ତ ରିପୋର୍ଟ ପ୍ରସ୍ତୁତ କରିବାକୁ କୁହନ୍ତୁ । ଏହା କେବଳ ସେମାନଙ୍କର ରଚନାତ୍ମକ ଯୋଗ୍ୟତାକୁ ବୃଦ୍ଧି କରିବ ନାହିଁ, ସେମାନଙ୍କୁ ସେମାନଙ୍କର ଉପଲବ୍ଧିଗୁଡ଼ିକର ପ୍ରତିଫଳନ କରିବାକୁ ସୁଯୋଗ ପ୍ରଦାନ କରିବ ଏବଂ ଭବିଷ୍ୟତ ପାଇଁ ଏହି ଉପଲବ୍ଧିକୁ ଧରିରଖିବା ନିମନ୍ତେ ସହାୟକ ହେବ ।

  ସଂକ୍ଷେପରେ ବର୍ହିବିଷୟୀ ସମନ୍ୱୟ ନିମ୍ନଲିଖିତ କାର୍ଯ୍ୟଗୁଡ଼ିକରେ ସହାୟକ ହୋଇଥାଏ:

  ୧) ଶିକ୍ଷଣକୁ ଅଧିକ ଅର୍ଥପୂର୍ଣ୍ଣ କରିବା ବେଳେ ଏହାକ୍ରମ ଶିକ୍ଷଣ ଫଳାଫଳକୁ ଅଧିକ ପ୍ରଭାବଶାଳୀ କରିବାରେ ସହାୟକ ହୋଇଥାଏ ।

ଟିପ୍ପଣୀ

୨) ପ୍ରସ୍ତୁତ କରାଯାଇଥିବା ଯୋଜନା ଅପେକ୍ଷା ଅଧିକ ଦକ୍ଷତା ଆହରଣ କରିବାରେ ସହାୟକ ହୋଇଥାଏ ।

୩) ଶିକ୍ଷଣ ପ୍ରାସଙ୍ଗିକ ଅଧିକ ଏବଂ ବାସ୍ତବ ଜୀବନ ସମ୍ପର୍କିତ କରାଇଥାଏ ।

୪) ପ୍ରତ୍ୟେକ ପରିସ୍ଥିତିରେ ବିଦ୍ୟାଳୟ ଭିତରେ ହେଉ କି ବାହାରେ ହେଉ ସବୁଠି ଶିକ୍ଷା ଗ୍ରହଣ କରିବାର ଉତ୍ସ ରହିଛି ବୋଲି ଏହା ବୁଝିବାରେ ସାହାଯ୍ୟ କରିଥାଏ ।

୫) ଶିକ୍ଷଣ ଏକ ନିରନ୍ତର ପ୍ରକ୍ରିୟା ଯାହା କେବଳ ବିଦ୍ୟାଳୟ ବା ପାଠ୍ୟକ୍ରମ ଭିତରେ ସୀମିତ ନୁହେଁ ର ବିଶ୍ୱାସ କୁ ସମୃଦ୍ଧ କରେ ।

ବର୍ହିବିଷୟୀ ସମନ୍ୱୟ ଜାତୀୟ ପାଠ୍ୟକ୍ରମର ଆଧାର, ୨୦୦୫କୁ ବାସ୍ତବତାରେ ପରିଣତ କରିବାର ଏକ ମାର୍ଗ ଅର୍ଥାତ୍ 'ଜ୍ଞାନକୁ ବିଦ୍ୟାଳୟର ବାହାର ଦୁନିଆର ଜୀବନ ସହିତ ଯୋଡ଼ିବା ।'

## ୯.୫ ସମନ୍ୱିତ ପାଠ୍ୟ ପୁସ୍ତକ ଏବଂ ଶିକ୍ଷଣ ସାମଗ୍ରୀ/

ବର୍ତ୍ତମାନ ସୁଦ୍ଧା ଆମ୍ଭେମାନେ ଆଲୋଚନା କରି ସାରିଛେ ଯେ କିପରି ବିଷୟ- ନିର୍ଦ୍ଦିଷ୍ଟର ଧାରଣାଗୁଡ଼ିକ ଓ ଅନୁଭବଗୁଡ଼ିକ ର ରହିଥିବା ସୀମା ଅତିକ୍ରମ କରି ପାଠ୍ୟକ୍ରମ ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟାକୁ ସମନ୍ୱିତ କରାଯାଇପାରେ । ପାଠ୍ୟ ପୁସ୍ତକଗୁଡ଼ିକୁ ସେହିଭଳି ସମନ୍ୱିତ କରାଯାଇ ପାରିବ କି ?

ପ୍ରତ୍ୟେକ ଶ୍ରେଣୀ ପାଇଁ ବିଷୟ ଆଧାରିତ ପାଠ୍ୟ ପୁସ୍ତକଗୁଡ଼ିକ ସହିତ ଆମେ ଅଧିକ ପରିଚିତ । ଏହିସବୁ ପୁସ୍ତକଗୁଡ଼ିକରେ ଧାରଣା ଗୁଡ଼ିକ ସୁବିଧା ପାଇଁ, ଶିକ୍ଷଣ ସୁବିଧା ପାଇଁ ନୁହେଁ, କ୍ରମାନୁସାରେ ସଂଯୋଜିତ ହୋଇଥାଏ । ଏହିସବୁ ପାଠ୍ୟ ପୁସ୍ତକର ଅଧିକାଂଶ ବିଷୟବସ୍ତୁ ତାତ୍ତ୍ୱିକ, ଅମୂର୍ତ୍ତ ଓ କାଳ୍ପନିକ ଅନୁଭବ ଉପରେ ପର୍ଯ୍ୟବସିତ ହୋଇଥାଏ ଏବଂ କ୍ୱଚିତ୍ ବିଦ୍ୟାର୍ଥୀର ଅନୁଭବ ସହିତ ସମ୍ପର୍କିତ ହୋଇଥାଏ । ଏହି ଧରଣର ଏକ ପାଠ୍ୟ ପୁସ୍ତକର ଲାଭ ଏବଂ ସୀମାଗୁଡ଼ିକ ନିମ୍ନରେ ଟେବୁଲ୍ ୯.୪ରେ ଦର୍ଶାଯାଇଛି ।

**ଟେବୁଲ ୯.୪: ପାଠ୍ୟ ପୁସ୍ତକଗୁଡ଼ିକର ଉପକାରୀତା ଏବଂ ସୀମାବଦ୍ଧତା**

| ଉପକାରୀତା | ସୀମାବଦ୍ଧତା |
|---|---|
| • ଏକ ପାଠ୍ୟ ପୁସ୍ତକକୁ ଏକ ପାଠ୍ୟସୂଚୀ ଭାବରେ କରାଯାଇ ପାରିବ ।<br>• କେତେକ ଶିକ୍ଷାର୍ଥୀଙ୍କ ପାଇଁ ଧ୍ୟାନ କେନ୍ଦ୍ରିତ କରିବା ନିମନ୍ତେ ପାଠ୍ୟ ପୁସ୍ତକ ଆବଶ୍ୟକ କରନ୍ତି ।<br>. ଏକ ପାଠ୍ୟ ପୁସ୍ତକ ସମୟ - ନିୟନ୍ତ୍ରକ କାର୍ଯ୍ୟ କରିଥାଏ । | • ପାଠ୍ୟ ପୁସ୍ତକରେ ଥିବା ପାଠ/ ବିଷୟ ଉପଯୁକ୍ତ ଏବଂ ଆଗ୍ରହପ୍ରଦ ହୋଇ ନପାରେ ।<br>• ପାଠ୍ୟ ପୁସ୍ତକ ଆଦର୍ଶ ବିଶ୍ୱର ବିଚାର ପ୍ରସ୍ତୁତ କରିପାରେ ଏବଂ ପ୍ରକୃତ ପ୍ରସଙ୍ଗଗୁଡ଼ିକୁ ଭ୍ରମାତ୍ମକ ଭାବରେ ଉପସ୍ଥାପିତ କରିପାରେ ।<br>. ପାଠ୍ୟ ପୁସ୍ତକଗୁଡ଼ିକ ଶିକ୍ଷକଙ୍କର ସୃଜନଶୀଳତାକୁ ରୋକିପାରେ । |

ଟିପ୍ପଣୀ

| | |
|---|---|
| • ପାଠ୍ୟ ପୁସ୍ତକଗୁଡ଼ିକର ଶିକ୍ଷଣ ଶୈଳୀ (ସଂରଚନା ଜ୍ଞାନକୁ ମନେ ରଖିବାରେ ସହାୟକ ହୋଇଥାଏ ।<br>• ପାଠ୍ୟ ପୁସ୍ତକ ଗୁଡ଼ିକ ରେଡିମେଡ୍ (ପୂର୍ବପ୍ରସ୍ତୁତ) ଶିକ୍ଷଣ ସାମଗ୍ରୀ ପ୍ରଦାନ କରିଥାନ୍ତି ।<br>• ବିଦ୍ୟାର୍ଥୀମାନେ ସମୟ ପୂର୍ବରୁ ପାଠ ପାଇଁ ପ୍ରସ୍ତୁତ ହୋଇପାରନ୍ତି ।<br>• ବିନା ପାଠ୍ୟ ପୁସ୍ତକରେ ବିଦ୍ୟାର୍ଥୀମାନଙ୍କୁ ଶ୍ରେଣୀଗୃହ ଅଣପେସାଦାର ମନେ ହୋଇପାରେ ।<br>• ଠିକ୍ ଭାବରେ ପ୍ରସ୍ତୁତ ହୋଇଥିବା ପାଠ୍ୟ ପୁସ୍ତକ ଉତ୍କର୍ଷ ପାଠ - ଯୋଜନା ସୁନିଶ୍ଚିତ କରେ ।<br>• ଏକ ପାଠ୍ୟ ପୁସ୍ତକ ଅଣଭିଜ୍ଞ ଶିକଙ୍କୁ ସହାୟତ ଦିଏ । | • ଶିକ୍ଷକମାନେ ପାଠ୍ୟ ପୁସ୍ତକଗୁଡ଼ିକର ବିଷୟବସ୍ତୁ ଶିକ୍ଷାଦାନ ପଦ୍ଧତି ସହିତ ସହମତ ହୋଇ ନ ପାରନ୍ତି, କିନ୍ତୁ ଏହାକୁ ବ୍ୟବହାର କରିବାକୁ ବାଧ ହୋଇଥାନ୍ତି ।<br>• ପାଠ୍ୟ ପୁସ୍ତକରେ ଅପ୍ରମାଣିତ ଭାଷା ପ୍ରୟୋଗ କରାଯାଇପାରେ । |

*ଉତ୍ସ:* www.sendaiedu.com,2011

ଯେତେବେଳେ ଶିକ୍ଷାଦାନ- ଶିକ୍ଷଣ ପ୍ରକ୍ରିୟା ଅଧିକରୁ ଅଧିକ ବିଦ୍ୟାର୍ଥୀ କେନ୍ଦ୍ରିକ ହୁଏ, ସେତେବେଳେ ବିଶେଷକରି ପ୍ରାଥମିକ ଶ୍ରେଣୀଗୁଡ଼ିକରେ ପାରମ୍ପରିକ ବିଷୟ ଭିତ୍ତିକ ପାଠ୍ୟ ପୁସ୍ତକଗୁଡ଼ିକ ଦେଇ ଶିକ୍ଷାଦାନ କଷ୍ଟକର ହୋଇ ପଡ଼େ ।

ଶିକ୍ଷଣକାର୍ଯ୍ୟ ଆଧାରିତ ପଦ୍ଧତି ଉପରେ ୟୁନିଟ୍- ୪ରେ ଆଲୋଚନା କରିବା ସମୟରେ ଆପଣମାନେ ଅନୁଭବ କରିଥିବେ ଯେ ଶିକ୍ଷଣ କାର୍ଯ୍ୟଗୁଡ଼ିକ ବାସ୍ତବିକ ଜୀବନର ସମସ୍ୟା ତଥା ପରିସ୍ଥିତିଗୁଡ଼ିକ ସହିତ ଜଡ଼ିତ । ବିଦ୍ୟାଳୟ ଶିକ୍ଷାର ଆରମ୍ଭ ଅବସ୍ଥାରେ ଶିକ୍ଷା ଗ୍ରହଣ ସେହିସବୁ ଶିକ୍ଷଣ କାର୍ଯ୍ୟକଳାପଗୁଡ଼ିକୁ ପୁନରାବୃତ୍ତି କରାଯାଏ, ଯାହାଦ୍ୱାରା ପିଲାଟିଏ ଆପଣାର ସ୍ଥାନୀୟ ଅଂଚଳ/ ସହିତ ପରିଚିତ ହୁଏ । ଏହାଦ୍ୱାରା ଘରୁ ବିଦ୍ୟାଳୟକୁ ପିଲାଟିର ସ୍ଥାନାନ୍ତର ସହଜରେ ହୋଇଯାଏ । ପିଲାଟିର ଘର ର କେଉଁସବୁ କାର୍ଯ୍ୟକଳାପ କେଉଁ ବିଷୟ ସହିତ ନିର୍ଦ୍ଦିଷ୍ଟ ଯୋଡ଼ି ହୋଇଯାଏ, ତାହା ଆପଣ ଅନୁମାନ କରି ପାରିବେ କି ?

ଯେତେବେଳେ ପିଲାଟି ପ୍ରଥମ ଥର ପାଇଁ ବିଦ୍ୟାଳୟକୁ ଆସେ, ସେତେବେଳକୁ ସେ ବହୁତଗୁଡ଼ିଏ ଅନୁଭୂତି ହାସଲ କରି ସାରିଥାଏ । ଯେପରି- ଖୋଲାଖୋଲି କଥାବାର୍ତ୍ତା କରିବା, ନିଜର ଚିନ୍ତାଧାରାଗୁଡ଼ିକୁ ଉଚିତ ଭାଷାର ପ୍ରୟୋଗ କରି ଅନ୍ୟମାନଙ୍କ ଆଗରେ ପ୍ରକାଶ କରିବା, ଅନ୍ୟମାନଙ୍କୁ କିପରି ସମ୍ମାନ ପ୍ରଦର୍ଶନ କରିବା । ତା'ଠାରେ ସ୍ୱଚ୍ଛତା ରକ୍ଷା କରିବାର ଅଭ୍ୟାସ ବିକଶିତ ହୋଇସାରିଥାଏ, ତା' ନିକଟରେ ବଜାର ସମ୍ବନ୍ଧରେ କେତେକ ସାଧାରଣ ଜ୍ଞାନ ଥାଏ ତଥା ଏହିଭଳି ଆହୁରି ଅନେକଗୁଡ଼ିଏ ବିଷୟରେ ଅନୁଭୂତି ରହିଥାଏ । ଏହିସବୁ ଜ୍ଞାନ ବା ଅନୁଭୂତିଗୁଡ଼ିକ ଭିନ୍ନ ଭିନ୍ନ ଅଂଶରେ ବିଭକ୍ତ କରି ଶିକ୍ଷା ଲାଭକରି ନଥାଏ । ଆପଣ ଯଦି ପିଲାର କୌଣସି ଗୋଟିଏ କାର୍ଯ୍ୟ ବିଶ୍ଳେଷଣ କରିବେ, ତା'ହେଲେ ଜାଣି ପାରିବେ ଯେ ସେଥିରୁ ପ୍ରତ୍ୟେକଟି ଅନେକଗୁଡ଼ିଏ ଧାରଣା/ ଅନୁଭବକୁ ସମନ୍ୱିତ କରେ ହୋଇଥାଏ । ଏହିଭଳି ବିଶ୍ଳେଷଣରୁ ଆପଣ ଅନୁଭବ କରି ପାରିବେ ଯେ ପିଲାମାନଙ୍କଠାରେ ସମନ୍ୱିତ ଶିକ୍ଷା ଗ୍ରହଣ ଅତ୍ୟନ୍ତ ସ୍ୱାଭାବିକ । ତେଣୁ ପ୍ରାଥମିକ ସ୍ତରରେ କାର୍ଯ୍ୟ

ଟିପ୍ପଣୀ

ଆଧାରିତ ଶିକ୍ଷା ଗ୍ରହଣ, ସମନ୍ୱିତ ପାଠ୍ୟ ପୁସ୍ତକ ତଥା ସାମଗ୍ରୀଗୁଡ଼ିକର ସହାୟତା ଦ୍ୱାରା ଶିକ୍ଷଣ କୁ ସହଜ କରାଇବା ନିମନ୍ତେ ପରିସ୍ଥିତି ସୃଷ୍ଟି କରିଥାଏ ।

ଶିକ୍ଷଣ କାର୍ଯ୍ୟ- ୨

ଯେଉଁ ପାଠ୍ୟପୁସ୍ତକ କୁ ଆପଣ ସର୍ବୋତ୍କୃଷ୍ଟ ବୋଲି ଭାବୁଛନ୍ତି ତାର ଲକ୍ଷଣ ଗୁଡ଼ିକର ତାଲିକା ପ୍ରସ୍ତୁତ କରନ୍ତୁ ।

*ଉତ୍ସ:* www.sendaiedu.com,2011

ଆପଣଙ୍କଦ୍ୱାରା ପ୍ରସ୍ତୁତ କରାଯାଇଥିବା ସୂଚୀ/ ତାଲିକାଟିକୁ ନିମ୍ନଲିଖିତ ପ୍ରସଙ୍ଗଗୁଡ଼ିକ ସହିତ ମିଳାଇ ଦେଖନ୍ତୁ ।

**ଏକ ଉତ୍ତମ ପାଠ୍ୟ ପୁସ୍ତକର କ'ଣ ଦେଖିବା:**

- ଏକ ଉତ୍ତମ ପାଠ୍ୟ ପୁସ୍ତକ ଆପଣଙ୍କ ଶ୍ରେଣୀର ଆବଶ୍ୟକତାଗୁଡ଼ିକ ସହିତ ରାଷ୍ଟ୍ରୀୟ ଆବଶ୍ୟକତାଗୁଡ଼ିକୁ ମଧ୍ୟ ପୂରଣ କରୁଥିବ ।
- ପ୍ରଦାନ କରାଯାଇଥିବା ନିର୍ଦ୍ଦେଶଗୁଡ଼ିକ ସ୍ୱଷ୍ଟ ତଥା ସହଜ ହୋଇଥିବ ।
- ପାଠ୍ୟ ପୁସ୍ତକରେ ବିଭିନ୍ନ ପ୍ରକାରର ଶିକ୍ଷଣ ଶୈଳୀ ପ୍ରୟୋଗ କରାଯାଇଥିବ ।
- ବିଷୟବସ୍ତୁ ବିଦ୍ୟାର୍ଥୀମାନଙ୍କର ବର୍ତମାନ ତଥା ଭବିଷ୍ୟତର ଆବଶ୍ୟକତାଗୁଡ଼ିକୁ ପୂରଣ କରିବା ନିମନ୍ତେ ଉପଯୁକ୍ତ ହୋଇଥିବ ।
- ପାଠ୍ୟ ପୁସ୍ତକରେ ବିଭିନ୍ନ ପ୍ରକାରର ଚିତ୍ତାକର୍ଷକ ପ୍ରସଙ୍ଗ ତଥା ଦତ୍ତକାର୍ଯ୍ୟ ରହିଥିବା ସହିତ ଉପଯୁକ୍ତ ଦୃଶ୍ୟ ଶିକ୍ଷଣ ସାମଗ୍ରୀ ରହିଥିବ ।
- ପାଠ୍ୟ ପୁସ୍ତକର ଉଦ୍ଦେଶ୍ୟ ସ୍ୱଷ୍ଟ ଭାବେ ବର୍ଣ୍ଣିତ ହୋଇଥିବ ଏବଂ ସମଗ୍ର ପୁସ୍ତକରେ ଠିକ୍ ରୂପେ ଲାଗୁ କରାଯାଇଥିବ ।
- ପାଠ୍ୟ ପୁସ୍ତକ ବିଦ୍ୟାର୍ଥୀମାନଙ୍କୁ ସେମାନଙ୍କର ନିଜସ୍ୱ ମତାମତ ତଥା ଶିକ୍ଷଣର କୌଶଳଗୁଡ଼ିକୁ ନିର୍ଦ୍ଧାରଣ କରିବା ନିମନ୍ତେ ପ୍ରୋତ୍ସାହିତ କରୁଥିବ ।

## ୯.୫.୧ ସମନ୍ୱିତ ପାଠ୍ୟ ପୁସ୍ତକଗୁଡ଼ିକର ଲକ୍ଷଣ

ବିଷୟବସ୍ତୁ ଆଧାରିତ ପାଠ୍ୟ ପୁସ୍ତକ ଅର୍ଥାତ୍ ଯେଉଁସବୁ ପାଠ୍ୟ ପୁସ୍ତକ ସହିତ ଆମ୍ଭେମାନେ ପରିଚିତ, ସେଗୁଡ଼ିକରେ ପାଠର ସଂଯୋଜନା ବିଷୟବସ୍ତୁର ଆଧାରରେ ତଥା ପ୍ରତ୍ୟେକ ପାଠର ଧାରଣାଗୁଡ଼ିକୁ ସରଳରୁ ଜଟିଳ ଅନୁସାରେ କ୍ରମାନ୍ୱୟରେ ବ୍ୟବସ୍ଥିତ କରାଯାଇଥାଏ । ପାଠଗୁଡ଼ିକର ବ୍ୟବସ୍ଥା ଏବଂ ପାଠଗୁଡ଼ିକର ଧାରଣାଗୁଡ଼ିକ ମଧ୍ୟରେ ଏକ ନିଶ୍ଚିତ କ୍ରମାଙ୍କ ରହିଥାଏ ଯାହା ଶିକ୍ଷାଦାନରେ ଯୁକ୍ତି ଯୁକ୍ତ ସୁବିଧା ଉପରେ ପର୍ଯ୍ୟବସ୍ଥିତ । ପ୍ରତ୍ୟେକ ପ୍ରସଙ୍ଗ ଶେଷରେ ବିଦ୍ୟାର୍ଥମାନଙ୍କ ପାଇଁ କିଛି ଅଭ୍ୟାସ ପ୍ରଶ୍ନ ଦିଆ ଯାଇଥାଏ ଯାହା





ମୁଖ୍ୟତଃ ଲିଖିତ ରୂପରେ ସମାଧାନ କରାଯାଇଥାଏ । ପାଠ୍ୟ ବିଷୟବସ୍ତୁ ମଧ୍ୟ ଏକ ଚିନ୍ତାଶୀଳ ଶୈଳୀରେ ଲେଖା ଯାଇଥାଏ । ଏଭଳି ପାଠ୍ୟ ବିଷୟଗୁଡ଼ିକରେ କ୍ୱଚିତ୍ କୌଣସି ହାସ୍ୟରସ, ବ୍ୟଙ୍ଗ ବା ଶିକ୍ଷଣକାର୍ଯ୍ୟ ବିଦ୍ୟାର୍ଥୀମାନଙ୍କ କରିବା ପାଇଁ ରହିଥାଏ ।

**ଶିକ୍ଷକ କାର୍ଯ୍ୟ- ୩**

ପଂଚମ ଶ୍ରେଣୀର ପାଠ୍ୟ ପୁସ୍ତକ ଭାଷା, ଗଣିତ ଏବଂ ପରିବେଶ ବିଜ୍ଞାନରୁ ଗୋଟିଏ ଲେଖାଏଁ ବିଷୟକୁ ବାଛି ପ୍ରତ୍ୟେକର ନାମକରଣ, ଦୀର୍ଘତା ଏବଂ ପାଠ୍ୟ ଉପସ୍ଥାପନର ଶୈଳୀ, ତହିଁରେ ପ୍ରଦତ୍ତ ଚିତ୍ରଗୁଡ଼ିକର ଯଥାର୍ଥତା, ପାଠରେ ଥିବା ଧାରଣାଗୁଡ଼ିକ, ବିଦ୍ୟାର୍ଥୀ ଅନୁକୂଳ ଭାବ ଏବଂ ପାଠର ଶେଷରେ ଦିଆ ଯାଇଥିବା ଅଭ୍ୟାସର ସଂରଚନା ଦୃଷ୍ଟିରୁ ବିଶ୍ଳେଷଣ କରନ୍ତୁ ଏବଂ ଉକ୍ତ ତିନିଗୋଟି ପାଠର ସଂରଚନାରେ ଯଦି କୌଣସି ପାର୍ଥକ୍ୟ ରହିଥାଏ, ତେବେ ତାହା ବାହାର କରନ୍ତୁ ।

ସମନ୍ୱିତ ପାଠ୍ୟ ପୁସ୍ତକଗୁଡ଼ିକରେ ସାଧାରଣତଃ ବିଭିନ୍ନ ବିଷୟ ଭିତରେ (ପ୍ରକୃତି ବହୁର୍ବିଷୟୀ ହେଉ କି ଅର୍ନ୍ତବିଷୟୀ) ସମନ୍ୱୟ ରକ୍ଷା କରାଯାଇଥାଏ ଯାହା ମୁଖ୍ୟତଃ ଶିକ୍ଷାଦାନ ନୁହେଁ, ଶିକ୍ଷା ଗ୍ରହଣକୁ ସୁଗମ କରାଇବା ଉଦ୍ଦେଶ୍ୟରେ ହୋଇଥାଏ । ତେଣୁ ଏଭଳି ପାଠ୍ୟ ପୁସ୍ତକଗୁଡ଼ିକର ପ୍ରମୁଖ ଲକ୍ଷଣ ଗୁଡ଼ିକ ହେଉଛି:

- ବିଭିନ୍ନ ବିଷୟ ର ଧାରଣାଗୁଡ଼ିକୁ ଗୋଟିଏ ଥିମ୍ (କେନ୍ଦ୍ରୀୟ ସାରାଂଶ)ର ଚତୁଃପାର୍ଶ୍ୱରେ ସଜ୍ଜିତ କରାଯାଇଥାଏ ଯାହା ବିଦ୍ୟାର୍ଥୀମାନଙ୍କର ବାସ୍ତବ ଜୀବନ ସହିତ ପରିଚିତ ଏବଂ ସେମାନଙ୍କ ପାଇଁ ଆନନ୍ଦଦାୟକ ହୋଇଥାଏ । ଥିମ୍ (କେନ୍ଦ୍ରୀୟ ବିଷୟବସ୍ତୁ) ବିଭିନ୍ନ ପ୍ରକାରର ହୋଇପାରେ, ଯେପରି- ଜଳ, ଅଗ୍ନି, ବଜାର, ଯେ କୌଣସି ପର୍ବପର୍ବାଣି ବା ଉତ୍ସବାନୁଷ୍ଠାନ, ସର୍କସ୍, ଏକ ମଜାଦାର କାହାଣୀ, ବ୍ୟଙ୍ଗଚିତ୍ର, ପହେଳି, ଲୋକପ୍ରିୟ ପୂଜ୍ୟ ବା ସେହିଭଳି ଅନ୍ୟ କିଛି ।
- ଏହି ଥିମ୍ ବାସ୍ତବିକ ଜୀବନର ପୃଷ୍ଠଭୂମି ଉପରେ ଆଧାରିତ ହୋଇଥାଏ । ତେଣୁ ଏହା ବିଦ୍ୟାର୍ଥୀଙ୍କୁ ଯଥାର୍ଥ ଶିକ୍ଷା ଗ୍ରହଣ ପାଇଁ ପର୍ଯ୍ୟାପ୍ତ ସୁଯୋଗ ପ୍ରଦାନ କରିଥାଏ ।
- ପ୍ରତ୍ୟେକ ପାଠ ଚିତ୍ର, ରେଖାଚିତ୍ର ଓ ଉଦାହରଣଗୁଡ଼ିକରେ ପରିପୂର୍ଣ୍ଣ ହୋଇଥାଏ । ପ୍ରତ୍ୟେକ ଦୃଷ୍ଟାନ୍ତ ପାଠ ପାଇଁ ଉପଯୁକ୍ତ ହୋଇଥାଏ ଏବଂ ଏହିସବୁ ଉଦାହରଣକୁ ଶିକ୍ଷା କାର୍ଯ୍ୟ ସମୟରେ ପ୍ରୟୋଗ କରିବା ପାଇଁ ସୁଯୋଗ ପ୍ରଦାନ କରାଯାଇଥାଏ ।
- ପ୍ରତ୍ୟେକ ପାଠରେ ଶିକ୍ଷଣକାର୍ଯ୍ୟ ପାଇଁ ସୁଯୋଗ ପ୍ରଦାନର ବ୍ୟବସ୍ଥା ରହିଥାଏ ଯାହା ବିଦ୍ୟାର୍ଥୀଙ୍କୁ ପାଠ ପଢ଼ିବା ସମୟରେ କରିବାକୁ ପଡ଼ିଥାଏ । ଏହି କାର୍ଯ୍ୟକ୍ରମଗୁଡ଼ିକ ସ୍ୱଭାବ ଦୃଷ୍ଟିରୁ ବହୁମୁଖୀ ହୋଇଥାଏ । ଏହିସବୁ କାର୍ଯ୍ୟକଳାପଗୁଡ଼ିକ ମଧ୍ୟରୁ କେତେଗୋଟି ହେଉଛି ଚିତ୍ର ଆଙ୍କିବା, ପେନ୍ଟିଂ କରିବା, ସୃଜନାତ୍ମକ ଗଦ୍ୟାଂଶ ଲେଖିବା, ମଡେଲ ତିଆରି କରିବା, ଉପକରଣ ଏବଂ ସୂଚନା ସଂଗ୍ରହ କରିବା, ଗଣିତରେ ସଂଖ୍ୟା ମେଳ କରିବା, ଶବ୍ଦ ଏବଂ ଘଟଣାଗୁଡ଼ିକୁ ମିଶାଇବା ଇତ୍ୟାଦି । କାର୍ଯ୍ୟକଳାପ ବିନା ସମନ୍ୱୟ ବୃଥା । (କାହିଁକି ? ?)

ଟିପ୍ପଣୀ

- ବିଷୟବସ୍ତୁରେ ଅନ୍ତର୍ନିହିତ ଥାଏ ଯାହା ଜଣେ ବିଦ୍ୟାର୍ଥୀକୁ ଅନ୍ୟମାନଙ୍କ ସହିତ ତଥା ନିଜ ସହିତ ଅନ୍ତର୍କ୍ରିୟା କରାଇଥାଏ । ପରିଣତ କରି ଦେଖାଇବା ନିମନ୍ତେ ଯୋଗ୍ୟ କରିଥାଏ । ପାଠରେ ଥିବା ଏପରି କାର୍ଯ୍ୟର ବ୍ୟବସ୍ଥାଗୁଡ଼ିକର ଉଦାହରଣ ହେଉଛି- 'ପ୍ରଶ୍ନ ତିଆରି କରି ପଚାରିବା', 'ଶିକ୍ଷକଙ୍କ ସହିତ ବାର୍ତାଳାପ କରିବା', 'ସହପାଠୀମାନଙ୍କ ସହିତ ମିଶି ଦଳଗତ ଭାବରେ କାର୍ଯ୍ୟ କରିବା', 'କିଛି ସମୟ ପାଇଁ ଚିନ୍ତା କରିବା' ଇତ୍ୟାଦି ।
- ବିଭିନ୍ନ ପ୍ରକାରର ଅଭ୍ୟାସ କାର୍ଯ୍ୟ ସମଗ୍ର ପାଠ୍ୟ ବିଷୟରେ ଖେଳେଇ ହୋଇ ରହିଥାଏ (ସବୁବେଳେ ପାଠର ଶେଷରେ ରଖା ଯାଇ ନଥାଏ) ଯାହା ବିଦ୍ୟାର୍ଥୀମାନଙ୍କ ମନରେ ପାଠରେ ରହିଥିବା ଅବଧାରଣାଗୁଡ଼ିକୁ ବୁଝିବା ପାଇଁ ଆଗ୍ରହ ସୃଷ୍ଟି କରାଇବାରେ ସହାୟକ ହୋଇଥାଏ । ଗୋଟିଏ ଦୃଷ୍ଟିରୁ ଦେଖିଲେ ପାଠ୍ୟ ପୁସ୍ତକରେ ଶିକ୍ଷଣକାର୍ଯ୍ୟ ପୁସ୍ତକ ଅନ୍ତର୍ଭୁକ୍ତ ହୋଇଥାଏ ।
- ସମନ୍ୱିତ ପାଠ୍ୟ ପୁସ୍ତକଗୁଡ଼ିକ ଦେଶର କେତେକ ରାଜ୍ୟରେ ପ୍ରାଥମିକ ବିଦ୍ୟାଳୟଗୁଡ଼ିକର ନିମ୍ନ ଶ୍ରେଣୀରେ ବ୍ୟବହାର କରାଯାଉଛି । ରାଷ୍ଟ୍ରୀୟ ଶିକ୍ଷକ ଅନୁସନ୍ଧାନ ଏବଂ ପ୍ରଶିକ୍ଷଣ ପରିଷଦ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ପ୍ରଥମ ଏବଂ ଦ୍ୱିତୀୟ ଶ୍ରେଣୀର ପରିବେଶ ଅଧ୍ୟୟନ ପାଠକୁ ଭାଷା ଏବଂ ଗଣିତ ବିଷୟ ସହିତ ସମନ୍ୱିତ କରାଯାଇଛି । ସେହିପରି ଚତୁର୍ଥ ଓ ପଂଚମ ଶ୍ରେଣୀର ପରିବେଶ ଅଧ୍ୟୟନ ବିଷୟ ବିଜ୍ଞାନ ଏବଂ ସାମାଜିକ ବିଜ୍ଞାନ ସହିତ ସମନ୍ୱିତ ହୋଇଛି ।

**ଅଭ୍ୟାସ ୪ ସମନ୍ୱିତ ଏବଂ ଅସମନ୍ୱିତ ହୋଇନଥିବା ପାଠ୍ୟ ପୁସ୍ତକ ମଧ୍ୟରେ ରହିଥିବା ନିହାତି କମ୍‌ରେ ଦୁଇଗୋଟି ପାର୍ଥକ୍ୟ ଦର୍ଶାଅ ।**

ଶିକ୍ଷଣ ଏବଂ ଶିକ୍ଷାଦାନ ପ୍ରକ୍ରିୟାରେ ବ୍ୟବହୃତ ହେବାକୁ ଥିବା ସାମଗ୍ରୀ/ ଉପକରଣଗୁଡ଼ିକ ସମ୍ବନ୍ଧରେ ଆମ୍ଭେମାନେ ଆଗରୁ ୟୁନିଟ୍- ୬ରେ ଆଲୋଚନା କରି ସାରିଛେ । ସମନ୍ୱିତ ଶିକ୍ଷାଦାନ/ ଗ୍ରହଣ ପାଇଁ ସେପରି କୌଣସି ନିର୍ଦ୍ଦିଷ୍ଟ ସାମଗ୍ରୀ/ ଉପକରଣ ନାହିଁ । ଏହା କେଉଁ ପ୍ରକାରର ସାମଗ୍ରୀକୁ ଆମେ କେଉଁଭଳି ଭାବରେ ବ୍ୟବହାର କରୁଛୁ, ତା' ଉପରେ ନିର୍ଭର କରେ । ଆପଣଙ୍କୁ ଚିନ୍ତା କରିବାକୁ ହେବ ଯେ କୌଣସି ଏକ ନିର୍ଦ୍ଦିଷ୍ଟ ସାମଗ୍ରୀ ବିଭିନ୍ନ ବିଷୟରେ ସେହି ବିଷୟ ସମ୍ବନ୍ଧୀୟ ଶିକ୍ଷଣ ଫଳାଫଳ ପରିଣାମ ପାଇବାରେ ବିଦ୍ୟାର୍ଥୀମାନଙ୍କ ପାଇଁ କେତେ ସହାୟକ ହେବ । ଏହାର ଏକ ଉଦାହରଣ ନିଆଯାଉ: 'ଖୋଳ ସହିତ ସାବୁନ' ସାମଗ୍ରୀକୁ ଶିକ୍ଷଣ ଏବଂ ଶିକ୍ଷାଦାନ ପାଇଁ ବିଭିନ୍ନ ଉଦ୍ଦେଶ୍ୟରେ ନିମ୍ନମତେ ବ୍ୟବହାର କରାଯାଇ ପାରିବ:

- ଭାଷା:

– ସାବୁନ୍ ର ଉପଯୋଗ ସମ୍ପର୍କରେ ବର୍ଣ୍ଣନା କରିବା ।

– ଶବ୍ଦ ରଚନା କରିବା ।

– ଅକ୍ଷର ଚିହ୍ନଟୀକରଣ ।

- ଗଣିତ:

- ସାବୁନର ଖୋଳ ଉପରେ ଦିଆ ଯାଇଥିବା ମୂଲ୍ୟକୁ ମିଶାଣ, ଫେଡ଼ାଣ, ଗୁଣନ, ହରଣ ଉଦ୍ଦେଶ୍ୟରେ ବ୍ୟବହାର କରାଯାଇ ପାରିବ ।
- ଏମ୍.ଆର୍.ପି. (ଅଧିକତମ ରିଟେଲ ମୂଲ୍ୟ)ର ବ୍ୟାଖ୍ୟା; ଖୁଚୁରା ଓ ହୋଲ୍‌ସେଲ୍ ମୂଲ୍ୟ କ'ଣ ?; ଏମ୍.ଆର୍.ପି. ସହିତ ଲାଭ ବା କ୍ଷତିକୁ କିପରି ହିସାବ କରାଯାଇପାରିବ ? ଇତ୍ୟାଦି ।
- ଖୋଳର ଆକୃତିକୁ ଘନାକୃତି ବିଶିଷ୍ଟ ଘନାକୃତି ଇତ୍ୟାଦି ସମ୍ବନ୍ଧରେ ବର୍ଣ୍ଣନା କରିବା ନିମନ୍ତେ ବ୍ୟବହାର କରାଯାଇପାରିବ ।

- ସାଧାରଣ ବିଜ୍ଞାନ:

- ସାବୁନ ତିଆରି କରିବା ପାଇଁ କେଉଁସବୁ ସାମଗ୍ରୀ ବ୍ୟବହାର କରାଯାଇଥାଏ ।
- ସାବୁନର ବ୍ୟବହାର ପରିପ୍ରେକ୍ଷୀରେ କ୍ଷାରୀୟ ଏବଂ ମଧୁର ଜଳ ଭିତରେ ରହିଥିବା ପାର୍ଥକ୍ୟକୁ ଦର୍ଶାଅ ।

- ସାମାଜିକ ବିଜ୍ଞାନ:

- ସାବୁନ ଉତ୍ପାଦନ ହେଉଥିବା ସ୍ଥାନ ।
- ସାବୁନ ତିଆରି କରିବାରେ ବ୍ୟବହାର ହେଉଥିବା କଂଚାମାଲ ।
- ପରିବହନର ପ୍ରକ୍ରିୟା ଏବଂ ମାର୍ଗ ।

**ଶିକ୍ଷଣ କାର୍ଯ୍ୟ- ୪**

ନିଜ ଆଖପାଖରେ ଥିବା କୌଣସି ଶିକ୍ଷାଦାନ ସାମଗ୍ରୀକୁ ବାଛ ଏବଂ ଏହାକୁ ବିଭିନ୍ନ ବିଷୟର ଶିକ୍ଷାଦାନ ଓ ଶିକ୍ଷଣରେ ତୁମେ ଏହାକୁ କିପରି ବ୍ୟବହାର କରି ପାରିବ, ତା'ର ଏକ ତାଲିକା ପ୍ରସ୍ତୁତ କର ।

**ଅଭ୍ୟାସ- ୫**

**ସମନ୍ୱିତ ପାଠ୍ୟ ପୁସ୍ତକର କେଉଁ ବିଶେଷତ୍ୱକୁ ଆପଣ ସବୁଠୁ ମହତ୍ୱପୂର୍ଣ୍ଣ ବୋଲି ବିବେଚନା କରୁଛନ୍ତି ?** ନିଜର ଉତ୍ତର ପାଇଁ କାରଣଗୁଡ଼ିକ ଦର୍ଶାଅ ।

ଯେହେତୁ ଆମ ବାସ୍ତବ ଜୀବନର ସବୁ ଅନୁଭୂତି ଭିନ୍ନ ଭିନ୍ନ ପାଠ୍ୟକ୍ରମର ବିଷୟରେ ବିଭାଜିତ ହୋଇ ନଥାଏ,ତେଣୁ ଶିକ୍ଷଣ ଓ ଶିକ୍ଷାଦାନ ନିମନ୍ତେ ତେଣୁ ସମନ୍ୱିତ ଆଭିମୁଖ୍ୟ ସର୍ବାଧିକ ଯୁକ୍ତିସିଦ୍ଧ ଏବଂ ଅର୍ଥପୂର୍ଣ୍ଣ । ସମନ୍ୱିତ ପାଠ୍ୟ ପୁସ୍ତକ ଉପଲବ୍ଧ ହେଉ କି ନହେଉ, ଶ୍ରେଣୀଗୃହ ଭିତରେ ଏବଂ ବାହାରେ ଶିକ୍ଷାଦାନ ଓ ଶିକ୍ଷଣ ନିମନ୍ତେ ଏକୀକୃତ ଆଭିମୁଖ୍ୟ ହିଁ ଶିକ୍ଷା ଗ୍ରହଣର ଗୁଣାତ୍ମକ ମାନ କ୍ଷେତ୍ରରେ, ବିଶେଷକରି ବିଦ୍ୟାଳୟ ଶିକ୍ଷାର ପ୍ରାଥମିକ ଅବସ୍ଥାରେ, ଯଥେଷ୍ଟ ପ୍ରଭାବ ପାର୍ଥକ୍ୟ ପକାଇ ଥାଏ ।

ଟିପ୍ପଣୀ

## ୯.୬ ସାରାଂଶ

- ସମନ୍ୱିତ ଶିକ୍ଷା ଗ୍ରହଣ କହିଲେ ସେହି ଶିକ୍ଷାକୁ ବୁଝାଏ ଯେଉଁଥିରେ ବିଭିନ୍ନ ବିଷୟ କ୍ଷେତ୍ର ସମ୍ବନ୍ଧିତ ଧାରଣାଗୁଡ଼ିକୁ ଅର୍ଥପୂର୍ଣ୍ଣ ଓ ସାମଗ୍ରୀକ ରୂପେ ଆୟୋଜିତ କରାଯାଇଥାଏ । ଏହି ଶିକ୍ଷା ଗ୍ରହଣରେ କେନ୍ଦ୍ରବିନ୍ଦୁ ଏକ ମୁଖ୍ୟ ବିଷୟବସ୍ତୁ ହୋଇଥାଏ ଯାହା ବିଦ୍ୟାର୍ଥୀର ବାସ୍ତବ ଜୀବନ ପାଇଁ ମହତ୍ୱପୂର୍ଣ୍ଣ ହୋଇଥାଏ ।
- ସମନ୍ୱିତ ପାଠ୍ୟକ୍ରମ ତିନି ପ୍ରକାରର: ଗୋଟିଏ ବିଷୟ ଭିତରେ ବିଭିନ୍ନ ଧାରଣାଗୁଡ଼ିକୁ ଓ କୌଶଳଗୁଡ଼ିକୁ ଯୋଡ଼ିବା (ଅର୍ନ୍ତବିଷୟୀ), ବିଭିନ୍ନ ବିଷୟର ଧାରଣା ଓ କୌଶଳଗୁଡ଼ିକୁ ସଂଯୋଜିତ କରିବା (ବହୁବିଷୟୀ) ଏବଂ ବିଷୟ ବାହାରୁ ଅବଧାରଣା ଏବଂ କୌଶଳଗୁଡ଼ିକୁ ଯୋଡ଼ିବା (ବର୍ହିବିଷୟୀ) ।
- ଗୋଟିଏ ବିଷୟ ଭିତରେ ସମନ୍ୱୟ ବା ଅର୍ନ୍ତବିଷୟୀ ସମନ୍ୱୟ ହେଉଛି ଏକୀକରଣର ଏପରି ଏକ ପ୍ରକ୍ରିୟା ଯେଉଁଥିରେ ସେହି ଗୋଟିଏ ବିଷୟର ଜ୍ଞାନ ଓ କୌଶଳଗୁଡ଼ିକୁ ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟାରେ ପରସ୍ପର ସହିତ ସଂଯୁକ୍ତ କରାଯାଇଥାଏ ।
- ବହୁବିଷୟୀ ଏବଂ ବିଷୟ ବିଷୟ ମଧ୍ୟରେ ସମନ୍ୱୟ ହେଉଛି (ସାମାନ୍ୟ ପାର୍ଥକ୍ୟ ରହିଥାଏ) ଦୁଇ କିମ୍ବା ତତୋଧିକ ବିଷୟର ଜ୍ଞାନ ଓ କୌଶଳଗୁଡ଼ିକୁ ଶିକ୍ଷାଦାନ- ଶିକ୍ଷଣ ପ୍ରକ୍ରିୟାରେ ସମନ୍ୱୟ କରିବା ।
- ବର୍ହିବିଷୟୀ ସମନ୍ୱୟ ଶିକ୍ଷା ଗ୍ରହଣକୁ ଅଧିକ ତାତ୍ପର୍ଯ୍ୟପୂର୍ଣ୍ଣ, ପ୍ରାସଙ୍ଗିକ ଏବଂ ଅଧିକ ବାସ୍ତବ ଜୀବନାଭିମୁଖୀ କରାଇବା ବେଳେ ଯୋଜନା କରାଯାଇଥିବାଠାରୁ ଅଧିକ କୌଶଳ ଏବଂ ଦକ୍ଷତା ପ୍ରଦାନ କରି ପାଠ୍ୟକ୍ରମ ଶିକ୍ଷଣର ଫଳାଫଳକୁ ହୃଦୟସ୍ପର୍ଶୀ ତଥା ସ୍ମରଣଯୋଗ୍ୟ କରାଇଥାଏ ।
- ସମନ୍ୱିତ ପାଠ୍ୟ ପୁସ୍ତକଗୁଡ଼ିକର ସ୍ୱତନ୍ତ୍ର ବୈଶିଷ୍ଟ୍ୟ ରହିଥାଏ କାରଣ, ବିଭିନ୍ନ ପ୍ରକାରର ଉପାଦାନ ଏବଂ ଶିକ୍ଷଣକାର୍ଯ୍ୟ ଅନ୍ତର୍ଭୁକ୍ତ କରି ଏଗୁଡ଼ିକ ଶିକ୍ଷା ଗ୍ରହଣ ନିମନ୍ତେ ଉତ୍ସାହିତ କରିଥାନ୍ତି ଏବଂ ଜ୍ଞାନର ପରିସରକୁ ବଢ଼ାଇଥାନ୍ତି ।

## ୯.୭ ନିଜର ପ୍ରଗତିକୁ ପରଖି ଦେଖିବା ନିମନ୍ତେ ଆଦର୍ଶ ଉତ୍ତରମାଳା

**ଇ ୧** ନିମ୍ନଲିଖିତ ମଧ୍ୟରୁ ଯେକୌଣସି ତିନିଗୋଟି କାର୍ଯ୍ୟ କର ।

- ବିଭିନ୍ନ ବିଷୟ ସହିତ ସମ୍ବନ୍ଧିତ ଧାରଣାଗୁଡ଼ିକୁ ସଂଯୁକ୍ତ କରିବା ।
- ପାଠ୍ୟ ପୁସ୍ତକର ବାହାରେ ବାସ୍ତବିକ ଜୀବନର ଥିମ୍ (ବିଷୟବସ୍ତୁ) ଉପରେ ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟାକୁ ବିକଶିତ କରିବା ।
- ବିଭିନ୍ନ ପ୍ରଣାଳୀ ଯଥା- ପ୍ରୋଜେକ୍ଟ, ପର୍ଯ୍ୟବେକ୍ଷଣ/ ଅବଲୋକନ ଆଦିକୁ ଅନ୍ତର୍ଭୁକ୍ତ କରିବା ।
- ସମୟ ସାରଣୀ ତଥା ବିଦ୍ୟାର୍ଥୀମାନଙ୍କର ଦଳ ତିଆରି କରିବାରେ ନମନୀୟତା ।



ଟିପ୍ପଣୀ

**ଇ ୨** ଟେବୁଲ୍ ୯.୨ରୁ ଯେ କୌଣସି ଦୁଇଗୋଟି ପଏଂଟ୍ ବାଛ ।

**ଇ ୩** ନିଜର ପାଠ ଯୋଜନା ପ୍ରସ୍ତୁତ କରିବା ପାଇଁ ଆପଣ ନିମ୍ନଲିଖିତ ପଦକ୍ଷେପଗୁଡ଼ିକ ପ୍ରୟୋଗ କରିପାରିବେ:

- ଜୀବନ ସମ୍ପର୍କିତ ପ୍ରୋଜେକ୍ଟର ଚୟନ
- ସେହି ସମ୍ବନ୍ଧିତ ଶିକ୍ଷା ଗ୍ରହଣର ଅବଧାରଣା ଓ କୌଶଳଗୁଡ଼ିକୁ ଚିହ୍ନଟ
- ଚିହ୍ନଟ କରାଯାଇଥିବା ଧାରଣା ଓ କୌଶଳଗୁଡ଼ିକୁ ଯୋଡ଼ିବା ପାଇଁ ଶିକ୍ଷଣ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବା ।
- ଶିକ୍ଷଣକାର୍ଯ୍ୟଗୁଡ଼ିକୁ କାର୍ଯ୍ୟରେ ପରିଣତ କରିବା ପାଇଁ ସମୟ ସାରଣୀ ତଥା ଦଳ ଗଠନ କରିବା ।

**ଇ ୪** ଅଣସମନ୍ୱିତ ଏବଂ ସମନ୍ୱିତ ପାଠ୍ୟ ପୁସ୍ତକଗୁଡ଼ିକ ମଧ୍ୟରେ ପାର୍ଥକ୍ୟ:

- ପ୍ରଥମ ପ୍ରକାରର/ ଧରଣର ପାଠ୍ୟ ପୁସ୍ତକ ବିଷୟ ନିର୍ଦ୍ଦିଷ୍ଟ ବିଷୟବସ୍ତୁ ଉପରେ ଆଧାରିତ ହୋଇଥିବା ବେଳେ ଦ୍ୱିତୀୟ ପ୍ରକାରର ପୁସ୍ତକ ବାସ୍ତବ ଜୀବନ ସମ୍ବନ୍ଧିତ ଥିମ୍ (ବିଷୟବସ୍ତୁ) (ପରିପ୍ରେକ୍ଷୀ) ଆଧାରିତ ହୋଇଥାଏ ।
- ପ୍ରଥମ ପ୍ରକାରର ପୁସ୍ତକ ପ୍ରଦାନ କରାଯାଇଥିବା ଜ୍ଞାନ/ କୌଶଳ (ଦକ୍ଷତା) ଆଧାରିତ ହୋଇଥାଏ ଏବଂ ଦ୍ୱିତୀୟ ପ୍ରକାରର ପୁସ୍ତକ ଅନ୍ୱେଷଣମୂଳକ ଜ୍ଞାନ/ କୌଶଳ ଆଧାରିତ ହୋଇଥାଏ ।
- ପ୍ରଥମ ପ୍ରକାରର ପାଠ୍ୟ ପୁସ୍ତକ କ୍ଷେତ୍ରରେ ଶିକ୍ଷଣ କାର୍ଯ୍ୟ ନିମନ୍ତେ କୌଣସି ପ୍ରକାରର ସୁଯୋଗ ନଥିବା ବେଳେ ଦ୍ୱିତୀୟ ପ୍ରକାରର ପୁସ୍ତକ ଶିକ୍ଷଣ କାର୍ଯ୍ୟ ପୂର୍ଣ୍ଣ ହୋଇ ରହିଥାଏ ।
- ପ୍ରଥମ ପ୍ରକାରର ପାଠ୍ୟ ପୁସ୍ତକରେ ଭାବ ବିନିମୟର ସୁଯୋଗ କ୍ୱଚିତ୍ ରହିଥିବା ବେଳେ ଦ୍ୱିତୀୟ ପ୍ରକାରର ପୁସ୍ତକରେ ଜଣକ ସହିତ ଜଣକର ଏବଂ ଦଳ ସହିତ ଭାବ ବିନିମୟର ପର୍ଯ୍ୟାପ୍ତ ସୁଯୋଗ ରହିଥାଏ ।

## ୯.୮ ଉପଯୋଗୀ ପଠନ ଏବଂ ସନ୍ଦର୍ଭ


୧) ବିନ୍, ଜେମ୍ସ୍ ଏ. (୧୯୭୭) । କରିକୁଲମ୍ ଇଂଟିଗ୍ରେସନ୍: ଡିଜାଇନିଂ ଦ କୋର୍ ଅଫ୍ ଡେମୋକ୍ରାଟିକ୍ ଏଜୁକେସନ୍, ନ୍ୟୁୟର୍କ୍: ଟିଚର୍ସ୍ କଲେଜ ପ୍ରେସ୍ ।

୨) ଡ୍ରେକ୍, ସୁଶାନ୍ ଏମ୍., ଆଣ୍ଡ୍ ବର୍ଣ୍ଣସ୍, ରେବେକା ସି. (୨୦୦୪) । ମିଟିଂ ଷ୍ଟାଣ୍ଡାର୍ଡ୍ସ୍ ଥ୍ରୁ ଇଂଟିଗ୍ରେଟେଡ୍ କରିକୁଲମ୍ । ଆଲେକ୍‌ଜାଣ୍ଡ୍ରିଆ, ଭିଏ: ଏଏସ୍‌ସିଡି ।

୩) ହମ୍ଫ୍ରିଜ୍, ଏ., ପୋଷ୍ଟ, ଟି. ଆଣ୍ଡ୍ ଏଲିସ୍, ଏ. (୧୯୮୧) । ଇଂଟରଡିସିପ୍ଲିନାରୀ ମେଥଡ୍ସ୍: ଏ ଥିମେଟିକ୍ ଆପ୍ରୋଚ୍ । ସାଂଟା ମୋନିକା, ସିଏ: ଗୁଡ୍‌ଇୟର୍ ପବ୍ଲିଶିଂ

କମ୍ପାନୀ ।

୪) ଜ୍ୟାକବ୍‌ସ୍‌, ଏଚ୍‌. ଏଚ୍‌. (୧୯୮୯) । 'ଡିଜାଇନ୍ ଅପ୍‌ସନ୍‌ସ୍‌ ଫର୍ ଆନ୍ ଇଂଟିଗ୍ରେଟେଡ୍ କରିକୁଲମ୍' ଇନ୍ ଏଚ୍‌. ଏଚ୍‌. ଜ୍ୟାକବ୍‌ସ୍ (ସମ୍ପାଦନା) ଇଂଟରଡିସିପ୍ଲିନାରୀ କରିକୁଲମ୍: ଡିଜାଇନ୍ ଆଣ୍ଡ୍ ଇମ୍ପ୍ଲିମେଂଟେସନ୍‌, (ପୃ- ୧୩- ୨୪) । ଆଲେକ୍‌ଜାଣ୍ଡ୍ରିଆ, ଭିଏ: ଏଏସ୍‌ସିଡି ।

୫) ସୁମେକର୍‌, ବି. (୧୯୮୯) । 'ଇଂଟିଗ୍ରେଟିଭ୍ ଏଜୁକେସନ୍: ଏ କରିକୁଲମ୍ ଫର୍ ଦ ଟ୍ୱେଂଟି - ଫ୍ଲାଷ୍ଟ ସେଂଚୁରୀ ।' ଓରିଗନ୍ ସ୍କୁଲ୍ ଷ୍ଟଡି କାଉନ୍‌ସିଲ୍‌, ୩୩ (୨) ।

## ୯.୯ ପ୍ରଶ୍ନ ଓ ଅଭ୍ୟାସକାର୍ଯ୍ୟ

୧) ପ୍ରାରମ୍ଭିକ ବିଦ୍ୟାଳୟ ଆରମ୍ଭ ସମନ୍ୱିତ ପାଠ୍ୟକ୍ରମ ଏବଂ ସମନ୍ୱିତ ଶିକ୍ଷାଦାନ - ଶିକ୍ଷଣ ପ୍ରକ୍ରିୟାର କି ଆବଶ୍ୟକତା ରହିଛି ?

୨) ଶିକ୍ଷାଦାନ - ଶିକ୍ଷଣ ପ୍ରକ୍ରିୟା ଏବଂ ପାଠ୍ୟକ୍ରମକୁ ସମନ୍ୱିତ କରିବାର ବିଭିନ୍ନ ପ୍ରକାରର କୌଶଳକୁ ସଂକ୍ଷେପରେ ବର୍ଣ୍ଣନା କରିବା ସହିତ ଶ୍ରେଣୀଗୃହ ଶିକ୍ଷାଦାନ ନିମନ୍ତେ ସେଗୁଡ଼ିକର ଉପଯୋଗିତାକୁ ଉଲ୍ଲେଖ କର ।

୧) ପ୍ରାରମ୍ଭିକ ଅବସ୍ଥାରେ ପାଠପଢ଼ା ଆରମ୍ଭ କରୁଥିବା ବିଦ୍ୟାର୍ଥୀମାନଙ୍କ ପାଇଁ କେଉଁ ପ୍ରକାରର ପାଠ୍ୟ ପୁସ୍ତକ ଅଧିକ ଉପଯୋଗୀ ?

*********